୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK    ପର୍ଯ୍ୟବେକ୍ଷକ

Vol.26 . No.208 Bhubaneswar Thursday September 26 2024    ୨୬ତମ ବର୍ଷ  ସଂଖ୍ୟା–୨୦୮ ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୨୬, ୨୦୨୪  (୮ ପୃଷ୍ଠା)  ମୂଲ୍ୟ–୧.୫୦  ₹ 1.50  (Air Surcharge - 0.50P)  Member-INS

## ବିଜେଡିରେ ବଢୁଛି ଫାଟ, ପୁଣି ଗଢ଼ିଲେ ୬୦ଜଣିଆ କମିଟି, ୨୭ରେ ନବୀନ ଡାକିଲେ ଜରୁରୀ ବୈଠକ

ଭୁବନେଶ୍ୱର,୨୫।୯(ପି.ଏନ): ବିଜେଡିର ନିର୍ବାଚନୀ ବିପର୍ଯ୍ୟୟ ପରେ ଦଳରେ ବଢୁଥିବା ତୀବ୍ର ଗୋଷ୍ଠୀକନ୍ଦଳ ଓ ବୟାନବାଜି ଉପରେ ଲଗାମ ଦେବା ପାଇଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଆସନ୍ତା ୨୭ତାରିଖରେ ଶଙ୍ଖଭବନରେ ଏକ ଜରୁରୀ ବୈଠକ ଡାକିଛନ୍ତି । ଦଳର ୧୫ଜଣିଆ ସମନ୍ୱୟ କମିଟି ସଦସ୍ୟମାନଙ୍କ ସମେତ ଆଉ ୩ଟି ନୂଆ କମିଟିର ୬୦ଜଣିଆ ସଦସ୍ୟ ଓ ସମସ୍ତ ସାଂଗଠନିକ ଜିଲ୍ଲା ସଭାପତିମାନଙ୍କୁ ଏହି ବୈଠକରେ ସାମିଲ ହେବା ପାଇଁ ଦଳ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଆସନ୍ତା ଅକ୍ଟୋବର ୨ତାରିଖ ଗାନ୍ଧି ଜୟନ୍ତୀରୁ ଦଳର ପଦଯାତ୍ରା କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ 'ଦଳରେ ସବୁକିଛି ଠିକ୍ ଚାଲିଛି' ବୋଲି ସନ୍ଦେଶ ଦେବାକୁ ବିଜେଡି ଯୋଜନା କରିଥିବା ଚର୍ଚ୍ଚା ହେଉଛି ।ବିଜେଡି ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀପ୍ରସାଦ ମିଶ୍ର ଆଜି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଆସନ୍ତା



ସେପ୍ଟେମ୍ବର ୨୭ତାରିଖ ଶୁକ୍ରବାର ଦଳର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ । ଏହି ବୈଠକରେ ଦଳର ଭବିଷ୍ୟତର ସାଂଗଠନିକ କାର୍ଯ୍ୟପନ୍ଥା ସହ ନିର୍ବାଚନ ବିପର୍ଯ୍ୟୟର କାରଣ ଖୋଜା ପାଇଁ କମିଟି ଚୟନ ଆଦି ଉପରେ ବିଚାରବିମର୍ଶ ହେବ । ବିରୋଧୀ ଦଳରେ ରହି ମଧ୍ୟ ବିକାଶକୁ ବିଜେଡି ପ୍ରାଥମିକତା ଦେଉଛି । ଆଗକୁ ବିକାଶ ପାଇଁ ମଧ୍ୟ ହଲଚଲ୍ ଲାଗି ରହିବ । ୨୭ତାରିଖ ବୈଠକରେ ଦଳର ପଦଯାତ୍ରା, ନୂଆ କମିଟି ଓ ଅନ୍ୟ ସାଂଗଠନିକ କାର୍ଯ୍ୟକ୍ରମକୁ ନେଇ ଆଲୋଚନା ହେବ ବୋଲି ସେ ସୂଚନା ଦେଇଛନ୍ତି ।ତେବେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଅଚାନକ ଏହି ଜରୁରୀ ବୈଠକ ଡାକିବାକୁ ନେଇ ଦଳ ଭିତରେ ଚର୍ଚ୍ଚା ଜୋର ଧରିଛି । ନବୀନ ଆଜି ଦଳର ୩ଟି ନୂଆ କମିଟି ଗଠନ କରି ୬୦ଜଣ ନେତାଙ୍କୁ ସନ୍ତୁଷ୍ଟ କରିବାକୁ ପ୍ରୟାସ ହୋଇଛି । ଦେବୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ସମନ୍ୱୟ କମିଟି ଥିବାବେଳେ ଏହାକୁ ସହଯୋଗ କରିବା ପାଇଁ ପ୍ରସନ୍ନ ଆଚାର୍ଯ୍ୟଙ୍କ ସଂଯୋଜନାରେ ୧୭ଜଣିଆ ଉପଦେଷ୍ଟା କମିଟି, ଅତନୁ ସବ୍ୟସାଚୀ ନାୟକଙ୍କ ସଂଯୋଜନାରେ ୨୨ଜଣିଆ ସଦସ୍ୟତା ଅଭିଯାନ କମିଟି ଓ ସଞ୍ଜୟ ଦାସବର୍ମାଙ୍କ ସଂଯୋଜନାରେ ୨୧ଜଣିଆ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ କମିଟି ଗଠନ ହୋଇଛି । ଏହି କମିଟିରେ ଦଳର ବିଧାୟକ, ସାଂସଦ ଓ ପରାଜିତ ପ୍ରାର୍ଥୀମାନଙ୍କୁ ଥଇଥାନ କରି ସେମାନଙ୍କ ମୁହଁକୁ ବନ୍ଦ ରଖିବା ପାଇଁ ପ୍ରୟାସ ହୋଇଛି ।

## ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ କମିଟି ବୈଠକରେ ୩୧ଟି ଶିଳ୍ପ ପ୍ରସ୍ତାବକୁ ମଞ୍ଜୁରୀ, ୨୪ହଜାର ୧୬୨ଜଣଙ୍କୁ ମିଳିବ ନିଯୁକ୍ତି

ଭୁବନେଶ୍ୱର,୨୫।୯(ପି.ଏନ) : ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଏକକ ବାତାୟନ ଅନୁମୋଦନ କମିଟି ବୈଠକରେ ୪ହଜାର ୯୫୪କୋଟି ୨୬ଲକ୍ଷ ଟଙ୍କାର ୩୧ଟି ଶିଳ୍ପ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଏସବୁ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ୨୪ହଜାର ୧୬୨ଜଣଙ୍କୁ ନିଯୁକ୍ତି ମିଳିବ ବୋଲି ଆକଳନ କରାଯାଇଛି ।ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରୁ ମିଳିଥିବା ସୂଚନା ଅନୁସାରେ ଜଗତସିଂହପୁର, ବାଲେଶ୍ୱର, ରାୟଗଡା, ଢେଙ୍କାନାଳ, ପୁରୀ ଆଦି ଜିଲ୍ଲାରେ ଏହିସବୁ ଶିଳ୍ପ ସ୍ଥାପନ କରାଯିବ । ୪୭୫ କୋଟି ଟଙ୍କାରେ ୧୦ଲକ୍ଷ ୯ହଜାର ୫୦୦ ମେଟ୍ରିକ୍ ଟନ୍ କ୍ଷମତାର ପ୍ୟାକେଜିଂ କଣ୍ଟେନର ଗ୍ଲାସ ଉତ୍ପାଦନ କେନ୍ଦ୍ର ହେବ । ସେହିଭଳି ୨୦୦କୋଟି ଟଙ୍କା ବ୍ୟୟରେ କମ୍ପ୍ରେସ୍‌ଡ ବାୟୋ ଗ୍ୟାସ୍ ପ୍ଲାଣ୍ଟ ଏବଂ ୨୪୨ କୋଟି ଟଙ୍କା ବ୍ୟୟରେ ବାୟୋ ଏନର୍ଜି କାରଖାନା ସ୍ଥାପନ କରାଯିବ ।

## ପାରାସିଟାମଲ ସମେତ ୫୩ଟି ଔଷଧ ପରୀକ୍ଷାରେ ଫେଲ୍

ଭୁବନେଶ୍ୱର,୨୫।୯(ପି.ଏନ): କ୍ୟାଲସିୟମ, ଭିଟାମିନ ଡି୩ ସପ୍ଲିମେଣ୍ଟ, ମଧୁମେହ ଓ ଉଚ୍ଚ ରକ୍ତଚାପ ପାଇଁ ଲୋକମାନେ ବ୍ୟବହାର କରୁଥିବା ୫୩ଟି ଔଷଧ ଗୁଣବତ୍ତା ମାନ ଯାଞ୍ଚ ବେଳେ ଫେଲ ମାରିଛନ୍ତି। ଭାରତୀୟ ଔଷଧ ପ୍ରାଧିକରଣ ଦ୍ୱାରା କରାଯାଇଥିବା ମାନ ଯାଞ୍ଚ ବେଳେ ଏପରି ତଥ୍ୟ ସାମ୍ନାକୁ ଆସିଛି। ଏହି ତଥ୍ୟ ପରେ ଲୋକମାନେ ନିଜର ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ସିଡିଏସସିଓ ତା'ର ମାସିକ ତାଲିକାରେ ପାରାସିଟାମଲ ସମେତ ମୋଟ ୫୩ଟି ଔଷଧ ଧାର୍ଯ୍ୟ ଗୁଣବତ୍ତା(ଏନଏସ୍‌କ୍ୟୁ)କୁ ପୂରଣ କରି ପାରୁ ନଥିବା ସତର୍କ କରାଇଛି। ଡ୍ରଗ ରେଗୁଲେଟରଙ୍କ ଯାଞ୍ଚ ବେଳେ ଭିଟାମିନ ସି ଓ ଡି ୩ ଟ୍ୟାବଲେଟ୍ସ ଶେଲକା, ଭିଟାମିନ ବି



କମ୍ପ୍ଲେକ୍ସ ଓ ଭିଟାମିନ ସି ସୋଫଜେଲ୍ସ, ଆଣ୍ଟି ଏସିଡ ବା ଗ୍ୟାସ ବିରୋଧରେ ଦିଆଯାଉଥିବା ପାନ ଡି, ପାରାସିଟାମଲ ଟ୍ୟାବଲେଟ୍ସ ଆଇପି ୫୦୦ ଏମଜି, ଆଣ୍ଟି ଡାଇବେଟିକ୍ସ ଔଷଧ Glimepiride, ଉଚ୍ଚ ରକ୍ତଚାପ ପାଇଁ ଦିଆଯାଉଥିବା ଟେଲମିସାରଟନ ଭଳି ୫୩ଟି ଔଷଧ ଆବଶ୍ୟକ ଗୁଣବତ୍ତାର ମାନଦଣ୍ଡକୁ ପୂରଣ କରିପାରି ନାହାନ୍ତି।

## ଭରତପୁର ଥାନା କାଣ୍ଡ: ନିଲମ୍ବିତ ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କର ହେବ ପଲିଗ୍ରାଫ୍ ଟେଷ୍ଟ

ଭୁବନେଶ୍ୱର,୨୫।୯(ପି.ଏନ): ଭୁବନେଶ୍ୱରର ଭରତପୁର ଥାନାରେ ଜଣେ ମେଜର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ମାମଲାରେ ନିଲମ୍ବିତ ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କର ହେବ ପଲିଗ୍ରାଫ୍ ଟେଷ୍ଟ। ଏଥିପାଇଁ ଆଜି କ୍ରାଇମବ୍ରାଞ୍ଚକୁ ଅନୁମତି ଦେଇଛନ୍ତି ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ।ଦୀନକୃଷ୍ଣ ମିଶ୍ରଙ୍କର ପଲିଗ୍ରାଫ୍ ଟେଷ୍ଟ ସହିତ ନାର୍କ ଆନାଲିସିସ୍ ଓ ବ୍ରେନ୍ ଫିଙ୍ଗର ପ୍ରିଣ୍ଟିଂ ଟେଷ୍ଟକୁ ବି ଅନୁମତି ଦେଇଛନ୍ତି କୋର୍ଟ। ଏହି ୩ଟି ଟେଷ୍ଟ ପାଇଁ ଦୀନକୃଷ୍ଣଙ୍କୁ ଗୁଜରାଟର ଗାନ୍ଧିନଗର ନେବ କ୍ରାଇମବ୍ରାଞ୍ଚ। ଅଭିଯୁକ୍ତ ତଥା ନିଲମ୍ବିତ ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କର ପଲିଗ୍ରାଫ୍ ଟେଷ୍ଟ ପାଇଁ କ୍ରାଇମବ୍ରାଞ୍ଚ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରିଥିଲା। ପଲିଗ୍ରାଫ୍ ଟେଷ୍ଟ ପାଇଁ ଦୀନକୃଷ୍ଣ ରାଜି ହୋଇଥିବାରୁ କୋର୍ଟ



ବି ଏହି ଆବେଦନ ଉପରେ ସହମତି ପ୍ରକାଶ କରିଥିଲା ।ଅନ୍ୟପକ୍ଷରେ ଆଜି ଏହି ମାମଲାରେ ସିନ୍ ରିକ୍ରିଏସନ୍ କରିଛି କ୍ରାଇମବ୍ରାଞ୍ଚ। ଭରତପୁର ଥାନା ଓ ରୋଡ୍ ରୋମିଓ ଝାମେଲା କରିଥିବା ସ୍ଥାନରେ ସିନ୍ ରିକ୍ରିଏସନ୍ କରିଛି କ୍ରାଇମବ୍ରାଞ୍ଚ। ସେଦିନ ରାତିରେ କ'ଣ ଘଟିଥିଲା ପୀଡିତାଙ୍କ ସହ ଥାନା ଭିତରେ କ'ଣ ହୋଇଥିଲା କିଭଳି ସେ ଦୁର୍ବ୍ୟବହାରର ଶିକାର ହୋଇଥିଲେ ସବୁ ଘଟଣାର ସିନ୍ ରିକ୍ରିଏସନ୍ କରିଛି କ୍ରାଇମବ୍ରାଞ୍ଚ ଟିମ।

## ଆସନ୍ତାକାଲି ଓଡିଶା ଆସୁଛନ୍ତି ଜେପି ନଡ୍ଡା, ରାଜ୍ୟ ବିଜେପି ସଦସ୍ୟତା ଅଭିଯାନ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗ ଦେବେ

ଭୁବନେଶ୍ୱର,୨୫।୯(ପି.ଏନ): ଆସନ୍ତାକାଲି ଓଡିଶା ଆସୁଛନ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା । ରାଜ୍ୟରେ ବିଜେପିର ସଦସ୍ୟତା ଅଭିଯାନ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏକ କୋଟି ସଦସ୍ୟ ସଂଗ୍ରହ ଲକ୍ଷ ରଖିଛି ରାଜ୍ୟ ବିଜେପି । ଦଳୀୟ ବିଧାୟକ, ସାଂସଦ, ରାଜ୍ୟ ପଦାଧିକାରୀଙ୍କ ସହ ବୈଠକ କରବା ନେଇ ଦଳୀୟ ସୂତ୍ରରୁ ସୂଚନା ମିଳିଛି।



## ଓଡିଶାରେ ଜୀବନ ହାରିଲା ବେଙ୍ଗାଲୁରୁରେ ମହିଳାଙ୍କୁ ୩୦ ଖଣ୍ଡ କରିଥିବା ଯୁବକ

ଭୁବନେଶ୍ୱର,୨୫।୯(ପି.ଏନ): ପୂରା ଦେଶକୁ ଦୋହଲାଇ ଦେଇଥିବା ବେଙ୍ଗାଲୁରୁ ହତ୍ୟାକାଣ୍ଡ ଘଟଣାରେ ନୂଆ ଟ୍ୱିଷ୍ଟ। ବେଙ୍ଗାଲୁରୁରେ ଜଣେ ୨୯ ବର୍ଷୀୟ ମହିଳାଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିବା ଘଟଣାର ମୁଖ୍ୟ ଅଭିଯୁକ୍ତର ମୃତଦେହ ଆଜି ଝୁଲନ୍ତା ଅବସ୍ଥାରେ ଓଡିଶାର ଭଦ୍ରକରୁ ମିଳିଛି ।ମୃତ ଯୁବକ ଜଣଙ୍କ ହେଲା ମୁକ୍ତି ରଞ୍ଜନ ରାୟ। ତା'କୁ ବେଙ୍ଗାଲୁରୁ ପୁଲିସ୍ ଖୋଜୁଥିବା ବେଳେ ସେ ଓଡିଶାରେ ଥିବା ଜଣାପଡିଥିଲା। ତା'କୁ ଜେରା ପାଇଁ



ବେଙ୍ଗାଲୁରୁ ପୁଲିସ୍ ଓଡିଶା ଆସିବାକୁ ପ୍ରସ୍ତୁତ ହେଉଥିଲେ ହେଁ ସେ ଜୀବନ ହାରି ସାରିଥିବା ବେଙ୍ଗାଲୁରୁ ସେଣ୍ଟ୍ରାଲର ଡିସିପି ସୂଚନା ଦେଇଛନ୍ତି। ଆସନ୍ତାକାଲି ସକାଳେ ବେଙ୍ଗାଲୁରୁ ଓଡିଶା ଆସିବ ଓ ବିଧିବଦ୍ଧ ଭାବେ ଘଟଣା ସମ୍ପର୍କରେ ଘୋଷଣା କରିବ।

## ସୁଭଦ୍ରା ଯୋଜନାରେ ଆବେଦନ କଲେଣି ୯୨ ଲକ୍ଷ, ଏହି ଦିନ ଟଙ୍କା ଆସିବ କହିଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର୨୫।୯(ପି.ଏନ) : ସୁଭଦ୍ରା ଯୋଜନା ନେଇ ଆସିଲା ବଡ ଅପଡେଟ୍ । କେବେ ସୁଭଦ୍ରା କିସ୍ତି ମିଳିବ ସେନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୂଚନା ଦେଇଛନ୍ତି । ତାଙ୍କ କହିବା ଅନୁସାରେ, "୨ ଦିନ ତଳେ ଯାହା ରିଭ୍ୟୁ ନେଇଥିଲି, ପାଖାପାଖି ୯୨ ଲକ୍ଷ ଲୋକ ଆବେଦନ କରିଥିବା ନେଇ ସେତେବେଳେ ଜାଣିବାକୁ ପାଇଥିଲି । ଭାବୁଛୁ ଆଉ ଏକ ସପ୍ତାହ ଭିତରେ ୧ କୋଟି ଲୋକ ଆବେଦନ କରିବେ । ବର୍ତ୍ତମାନ ସୁଦ୍ଧା ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ୨୫ ଲକ୍ଷ ୧୧ ହଜାର ଲୋକଙ୍କୁ ଦିଆଯାଇଛି ।" ଟିକେ ସମୟ ଲାଗୁଛି ବୋଲି କହିଛନ୍ତି ପ୍ରଭାତୀ ପରିଡା । ସୁଭଦ୍ରା କୋଟିଏ ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ୧ରୁ ସ୍ଲାବ ହୋଇ ପୁଣି ଲୋକଙ୍କୁ ଦିଆଯିବ । ଯେଉଁମାନେ ଆବେଦନ କରିଛନ୍ତି ସରକାର ସମସ୍ତଙ୍କର ଭେରିଫିକେସନ କରିବେ । ପ୍ରଥମ ଥରରେ ୨୫ ଲକ୍ଷ ୧୧ ହଜାର




ଲୋକଙ୍କ ପାଖରେ ଆମେ ପହଞ୍ଚି ପାରିଛୁ । ଖୁବଶୀଘ୍ର କୋଟିଏ ଲୋକଙ୍କ ପାଖେ ପହଞ୍ଚିବୁ । କେହି ବ୍ୟସ୍ତ ବିବ୍ରତ କିମ୍ବା ଧୈର୍ଯ୍ୟ ହରାନ୍ତୁ ନାହିଁ । ଆଜିର ସ୍ଥିତି ମାର୍ଚ୍ଚ ୮ ତାରିଖ ପରେ ଆଉ ରହିବ ନାହିଁ । ପ୍ରଥମ ଥର ତେଣୁ ଟିକେ କଷ୍ଟ ହେଉଥିବ । ପ୍ରଥମ କିସ୍ତି ପାଇବେ ପାଇବା ପରେ ଆଉ ଏଭଳି ସ୍ଥିତି ରହିବ ନାହିଁ ବୋଲି ସେ କହିଛନ୍ତି । ତେଣୁ ମାର୍ଚ୍ଚ ୮ ତାରିଖରେ ସମସ୍ତେ ଏକା ସାଙ୍ଗରେ ୨ୟ କିସ୍ତି ପଇସା ପାଇବେ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ।

## ଓଏଏସ୍ ସ୍ତରରେ ବଡ ଧରଣର ଅଦଳବଦଳ, ଅନାମ ଚରଣ ପାତ୍ର କଟକ ମହାନଗର ନିଗମ କମିଶନର

ଭୁବନେଶ୍ୱର,୨୫।୯(ପି.ଏନ): ଓଏଏସ୍ ସ୍ତରରେ ଆଜି ବଡ ଧରଣର ଅଦଳ ବଦଳ କରିଛନ୍ତି ରାଜ୍ୟ ସରକାର। ମୋଟ ୩୬ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କ ବଦଳି ହୋଇଛି। ଅନାମ ଚରଣ ପାତ୍ରଙ୍କୁ କଟକ ମହାନଗର ନିଗମର କମିଶନର କରାଯାଇଛି। ଏବେ ସେ କଟକ ମହାନଗର ନିଗମର ଅତିରିକ୍ତ କମିଶନର ଅଛନ୍ତି। ଗତ ଅଗଷ୍ଟ ଶେଷ ସପ୍ତାହରେ କଟକ ମହାନଗର ନିଗମ କମିଶନର ବିଜୟ କୁମାର ଦାଶଙ୍କୁ ଗଜପତି ଜିଲ୍ଲାପାଳ ଭାବେ ବଦଳି ପରଠୁ ଏହି ପଦବୀ ଖାଲି ପଡିଥିଲା ।ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଆଜି ଜାରି ବିଜ୍ଞପ୍ତି ଅନୁସାରେ, ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗର ସ୍ୱତନ୍ତ୍ର ସଚିବ ବରିଷ୍ଠ ଓଏଏସ୍ ମଧୁମିତା ରଥ ନିଜ ଦାୟିତ୍ୱ ସହ 'ଉତ୍କଳିକା' ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇବେ ।କଳ୍ପତରୁ ବେହେରାଙ୍କୁ କଟକ ମହାନଗର ନିଗମ ଅତିରିକ୍ତ କମିଶନର କରାଯାଇଛି। ସେ ପୂର୍ବତନ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀଙ୍କର ପ୍ରାଇଭେଟ ସେକ୍ରେଟାରୀ ଥିଲେ। ସେହିଭଳି ପ୍ରଦୀପ କୁମାର ରାଉତଙ୍କୁ ଓକାକ ମୁଖ୍ୟ ନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ପୂର୍ବତନ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀଙ୍କ ପ୍ରାଇଭେଟ ସେକ୍ରେଟେରୀ ଗୌରହରି ବେହେରାଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଭାବେ ନୂଆ ନିଯୁକ୍ତି ମିଳିଛି। କେନ୍ଦୁଝରର ପୂର୍ବତନ




ଅତିରିକ୍ତ ଡିଏମ୍ ଯଦୁମଣି ମହାଲଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତ କରାଯାଇଛି। କନ୍ଧମାଳ ଜିଲ୍ଲା ପରିଷଦର ସିଡିଓ-କମ୍-ଇଓ ଥିବା ରତ୍ନାକର ସାହୁଙ୍କୁ ବାଲେଶ୍ୱର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ବା ଏଡିଏମ୍ ଭାବେ ବଦଳି କରାଯାଇଛି। ଯାଜପୁର ଜିଲ୍ଲା କଳିଙ୍ଗନଗରର ଏଡିଏମ୍ ଥିବା ଲଙ୍କେଶ୍ୱର ଅମାତଙ୍କୁ ଭଦ୍ରକ ଏଡିଏମ୍ ଭାବେ ବଦଳି କରାଯାଇଛି। ସୁନ୍ଦରଗଡ ଜିଲ୍ଲା ବଣାଇର ତହସିଲଦାର ଥିବା ଅଶୋକ କୁମାର ଗଡତିଆଙ୍କୁ ଅତିରିକ୍ତ ଅବକାରୀ କମିଶନର ଭାବେ କଟକକୁ ବଦଳି କରାଯାଇଛି। ମୟୂରଭଞ୍ଜ ଏଡିଏମ୍ ଉଦୟ କୁମାର ମହାପାତ୍ରଙ୍କୁ ଅନୁଗୋଳ ଏଡିଏମ୍ ଭାବେ ବଦଳି କରାଯାଇଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗରେ ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରୁଥିବା ଦରିଦ୍ରଭଞ୍ଜ ଏମ୍ ଏମ୍ ପାତ୍ରଙ୍କୁ ବାଲେଶ୍ୱର-ମୟୂରଭଞ୍ଜ ମେଜର ସେଟେଲମେଣ୍ଟର ସେଟେଲମେଣ୍ଟ ଅଫିସର ଭାବେ ବାରିପଦାକୁ ବଦଳି କରାଯାଇଛି। ଭୁବନେଶ୍ୱର ସ୍ଥିତ ସିଡିଆଇ ଅଫିସରେ ଏସ୍‌ଆର (ଜେନେରାଲ) ଭାବେ କାର୍ଯ୍ୟ କରୁଥିବା ଦିପ୍ତୀରଞ୍ଜନ ବେହେରାଙ୍କୁ ପୂର୍ତ୍ତ ବିଭାଗକୁ ଯୁଗ୍ମ ସଚିବ ଭାବେ ବଦଳି କରାଯାଇଛି। ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ (ଏଡିଏମ୍) ନିରଞ୍ଜନ ବେହେରାଙ୍କୁ ଜଗତସିଂହପୁରର ପାରାଦୀପର ଅତିରିକ୍ତ ଜିଲ୍ଲାପାଳ (ଏଡିଏମ୍) ଭାବେ ବଦଳି କରାଯାଇଛି। ପାରାଦୀପରେ ଅତିରିକ୍ତ ଜିଲ୍ଲାପାଳ ବା ଏଡିଏମ ଭାବେ କାର୍ଯ୍ୟ କରୁଥିବା ଲଳିତ ମୋହନ ବେହେରାଙ୍କୁ ଢେଙ୍କାନାଳ ଜିଲ୍ଲା ପରିଷଦର ସିଡିଓ-କମ୍-ଇଓ ଭାବେ ବଦଳି କରାଯାଇଛି। ଓସେପାର ଯୁଗ୍ମ ନିର୍ଦ୍ଦେଶକ ଥିବା ସରୋଜ କୁମାର ବେହେରାଙ୍କୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିକାଶ ବିଭାଗର ଯୁଗ୍ମ ସଚିବ ଭାବେ ବଦଳି କରାଯାଇଛି। ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ବା ଏଡିଏମ୍ ଥିବା ଶରତ ଚନ୍ଦ୍ର ମହାପାତ୍ରଙ୍କୁ ଗୃହ ବିଭାଗର ଯୁଗ୍ମ ସଚିବ ଭାବେ ବଦଳି କରାଯାଇଛି। ରାଇରଙ୍ଗପୁରର ପୂର୍ବତନ ସବ୍ ?କଲେକ୍ଟର ସରୋଜ କୁମାର ଦାଶଙ୍କୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତି ମିଳିଛି। ଏହା ସହିତ ସେ ପୂର୍ବଭଳି ଓୟୁଆଇଡିଏଫର ଏଓ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। କେନ୍ଦୁଝର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀଙ୍କୁ କଟକ ସ୍ଥିତ ବୋର୍ଡ ଅଫ୍ ରେଭିନ୍ୟୁକୁ ଯୁଗ୍ମ ସଚିବ ଭାବେ ବଦଳି କରାଯାଇଛି। ବଣାଇର ପୂର୍ବତନ ସବ୍-କଲେକ୍ଟର ସୁରଞ୍ଜନ କୁମାର ସାହୁଙ୍କୁ ସୁନ୍ଦରଗଡ ଜିଲ୍ଲା ପରିଷଦର ସିଡିଓ-କମ୍-ଇଓ ଭାବେ ବଦଳି କରାଯାଇଛି। ପୂର୍ବତନ ଶ୍ରମ ଓ ଇଏସ୍‌ଆଇ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଥିବା ଶମ୍ଭୁନାଥ ନନ୍ଦିଙ୍କୁ କନ୍ଧମାଳ ଜିଲ୍ଲା ପରିଷଦର ସିଡିଓ-କମ୍-ଇଓ ଭାବେ ନିଯୁକ୍ତ କରାଯାଇଛି। କେନ୍ଦୁଝର ଜିଲ୍ଲା ଚମ୍ପୁଆର ପୂର୍ବତନ ସବ୍-କଲେକ୍ଟର ସଂଯୁକ୍ତା ମାଝୀଙ୍କୁ ରାୟଗଡାର ଅତିରିକ୍ତ ଜିଲ୍ଲାପାଳ ବା ଏଡିଏମ୍ ଭାବେ ନିଯୁକ୍ତି ଦିଆଯାଇଛି। କେନ୍ଦୁଝରର ପୂର୍ବତନ ଅତିରିକ୍ତ ଜିଲ୍ଲାପାଳ (ଏଡିଏମ୍) ଲଳିତ ସୋରେଙ୍ଗଙ୍କୁ ଝାରସୁଗୁଡା ପିଡି (ଆର୍ ଆଣ୍ଡ ଆର) ଭାବେ ନିଯୁକ୍ତି ଦିଆଯାଇଛି। ଢେଙ୍କାନାଳ ସବ୍-କଲେକ୍ଟର ସପନ କୁମାର ନନ୍ଦଙ୍କୁ ଯାଜପୁରର କଳିଙ୍ଗନଗର ଏଡିଏମ୍ ବା ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ଓଡିଶା ଅର୍ବାନ ଇନଫ୍ରାଷ୍ଟ୍ରକ୍‌ଚର ଡେଭେଲପମେଣ୍ଟ ଫଣ୍ଡର ଏଓ ତଥା ଜାଗା ମିଶନ ଓଏସ୍‌ଡି ଥିବା ସଞ୍ଜୟ କୁମାର ରାଉତଙ୍କୁ ଓଡିଶା ଷ୍ଟେଟ ବେଭେରେଜ୍ କର୍ପୋରେସନ (ଓଏସ୍‌ବିସି)ର ମହାପ୍ରବନ୍ଧକ ଭାବେ ବଦଳି କରାଯାଇଛି। ବାଲେଶ୍ୱରର ଅତିରିକ୍ତ ସବ୍-କଲେକ୍ଟର ଶୁଭଶ୍ରୀ ରଥଙ୍କୁ ନୀଳଗିରି ସବ୍-କଲେକ୍ଟର ଭାବେ ବଦଳି କରାଯାଇଛି। ତାଳଚେରର ପୂର୍ବତନ ସବ୍-କଲେକ୍ଟର ମନୋଜ କୁମାର ତ୍ରିପାଠୀଙ୍କୁ ପାରଳାଖେମୁଣ୍ଡି ଆଇଟିଡିଏର ପିଏ ଭାବେ ବଦଳି କରାଯାଇଛି। ବରଗଡ ଜିଲ୍ଲା ପଦ୍ମପୁରର ପୂର୍ବତନ ସବ୍-କଲେକ୍ଟର ଆଲୋକ କୁମାର ପଟେଲଙ୍କୁ ବଲାଙ୍ଗିର ସବ୍-କଲେକ୍ଟର ଓ ପାରଳାଖେମୁଣ୍ଡି ଆଇଟିଡିଏର ପିଏ ଭାବେ କାର୍ଯ୍ୟ କରୁଥିବା ଦିଲ୍ଲୀପ କୁମାର ବେହେରାଙ୍କୁ ଅନୁଗୋଳ ଜିଲ୍ଲା ଆଠମଲ୍ଲିକର ସବ୍-କଲେକ୍ଟର ଭାବେ ବଦଳି କରାଯାଇଛି। କଟକ ଜିଲ୍ଲା ଆଠଗଡ ପୂର୍ବତନ ସବ୍-କଲେକ୍ଟର ପ୍ରଶାନ୍ତ କୁମାର ତରାଇଙ୍କୁ ଜଗତସିଂହପୁର ସବ୍-କଲେକ୍ଟର ଭାବେ ନିଯୁକ୍ତି ମିଳିଛି। ଜୟପୁରର ପୂର୍ବତନ ସବ୍-କଲେକ୍ଟର ପ୍ରଭାତ କୁମାର ପରିଡାଙ୍କୁ କଳାହାଣ୍ଡି ଜିଲ୍ଲା ଭବାନୀପାଟଣାର ସବ୍-କଲେକ୍ଟର ଭାବେ ନିଯୁକ୍ତି ଦିଆଯାଇଛି। ସମ୍ବଲପୁର ମହାନଗର ନିଗମର ଡେପୁଟି କମିଶନର ପ୍ରସନ୍ନ କୁମାର ପଣ୍ଡାଙ୍କୁ ବରଗଡ ସବ୍-କଲେକ୍ଟର ଭାବେ ବଦଳି କରାଯାଇଛି। ଜଗତସିଂହପୁର ଅତିରିକ୍ତ ସବ୍-କଲେକ୍ଟର ବିଭୂତି ଗଡନାଏକଙ୍କୁ ଢେଙ୍କାନାଳ ସବ୍-କଲେକ୍ଟର ଭାବେ ବଦଳି କରାଯାଇଛି। ବ୍ରହ୍ମପୁର ଅତିରିକ୍ତ ସବ୍-କଲେକ୍ଟର ଗୌରବମୟ ପ୍ରଧାନଙ୍କୁ ସମ୍ବଲପୁର ଜିଲ୍ଲା କୁଚିଣ୍ଡାର ସବ୍-କଲେକ୍ଟର ଭାବେ ବଦଳି କରାଯାଇଛି। ବାରିପଦା ଆଇଟିଡିଏ ପିଏ ଥିବା ପ୍ରଣୟ ରଞ୍ଜନ ବେହେରାଙ୍କୁ କେନ୍ଦୁଝର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି କରାଯାଇଛି।

## ରାଜ୍ୟରେ ଲଗାତାର ୭ ଦିନ ବନ୍ଦ ରହିବ ସ୍କୁଲ କଲେଜ

ଭୁବନେଶ୍ୱର,୨୫।୯(ପି.ଏନ): ରାଜ୍ୟରେ ଲଗାତାର ୭ ଦିନ ବନ୍ଦ ରହିବ ସ୍କୁଲ କଲେଜ । ସରକାର ଜାରି କଲେ ନୂଆ ଛୁଟି ତାଲିକା, ଜାଣନ୍ତୁ କେବେଠୁ ମିଳିବ ଛୁଟି । ଅକ୍ଟୋବରରେ ସର୍ବସାଧାରଣ ଛୁଟି ୨ ଅକ୍ଟୋବରରୁ ଆରମ୍ଭ ହେଉଛି । ଯଦି ରବିବାର ଯୋଗ କରାଯାଏ, ତେବେ ଏହି ମାସରେ ସମୁଦାୟ ୯ଟି ସାର୍ବଜନୀନ ଛୁଟି ପଡିବ । ଏଥିମଧ୍ୟରେ ଗାନ୍ଧି ଜୟନ୍ତୀ, ଦଶହରା ଓ ଦିପାବଳୀ ମଧ୍ୟ ଅଛି । ୨୦୨୪-୨୫ ବର୍ଷରେ, ବେସରକାରୀ, ସରକାରୀ, ସହାୟକ ଓ ଅଣ-ସହାୟକ ବିଦ୍ୟାଳୟ ଓ ସାରା ରାଜ୍ୟରେ D.Ed / B.Ed / M.Ed କଲେଜଗୁଡ଼ିକରେ ୬୪ ଦିନ ଛୁଟି ରହିବ । ସେପ୍ଟେମ୍ବର ୧୨ ରେ, ଜନ ନିର୍ଦ୍ଦେଶନାମା ୨୦୨୪-୨୫ ଅଧିବେଶନରେ ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକରେ ଛୁଟିଦିନ ପାଇଁ ପ୍ରସ୍ତାବ ପଠାଇଛି ।ଏହି ପ୍ରସ୍ତାବରେ ଦଶହରା, ଦିପାବଳୀ ଓ ଶୀତଦିନ ଛୁଟି ପାଇଁ ପ୍ରତ୍ୟେକ ଦିନ ୬ ଦିନ ସୁପାରିଶ କରାଯାଇଛି । ଏଥି ସହିତ ୪୬ ଦିନର ଗ୍ରୀଷ୍ମ ଛୁଟି (ସ୍କୁଲ ଛୁଟି) ପାଇଁ ଏକ ପ୍ରସ୍ତାବ ପଠାଯାଇଛି । ଅକ୍ଟୋବରରେ କେଉଁ ଦିନ ଛୁଟି ରହିବ ଆସନ୍ତୁ ଜାଣିବା । ଅକ୍ଟୋବର ୨ ହେଉଛି ମହାତ୍ମା ଗାନ୍ଧି ଜୟନ୍ତୀ । ଏହି ଦିନ ସମଗ୍ର ଦେଶରେ ଏକ ସାଧାରଣ ଛୁଟି ହେବ । ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବ୍ୟାଙ୍କ, ସ୍କୁଲ ଏବଂ କଲେଜ ପର୍ଯ୍ୟନ୍ତ ସବୁକିଛି ବନ୍ଦ ରହିବ । ଡ୍ରାଏ ଦିନ ଥିବାରୁ ମଦ ଦୋକାନଗୁଡ଼ିକ ମଧ୍ୟ ବନ୍ଦ ରହିବ । ଦେବୀ ଦୁର୍ଗାଙ୍କ ପର୍ବ ନବରାତ୍ରୀ ୩ ଅକ୍ଟୋବରରୁ ଆରମ୍ଭ ହେଉଛି । ଯାହା ୧୨ ଅକ୍ଟୋବର ପର୍ଯ୍ୟନ୍ତ ଚାଲିବ । ଏଥର ଦଶହରାରେ ବିଦ୍ୟାଳୟରେ ୬ ଦିନ ଛୁଟି ରହିବ। ଅକ୍ଟୋବର ୭ ରୁ ଅକ୍ଟୋବର ୧୨ ପର୍ଯ୍ୟନ୍ତ ସମୁଦାୟ ୬ ଦିନ ସ୍କୁଲ ଛୁଟି ରହିବ । ଦୀପାବଳି ୫ ଦିନ ପାଇଁ ପାଳନ କରାଯାଏ । ଅକ୍ଟୋବର ୨୯ ରୁ ଏହି ପାଞ୍ଚ ଦିନିଆ ପର୍ବ ଆରମ୍ଭ ହେଉଛି । ୨୯ ଅକ୍ଟୋବରରେ ଧନତେରାସ, ୩୦ ଅକ୍ଟୋବରରେ ନରକ ଚର୍ତୁଦ୍ଦଶୀ, ୩୧ ଅକ୍ଟୋବରରେ ଦୀପାବଳି କିମ୍ବା ଲକ୍ଷ୍ମୀ ପୂଜା, ୧ ନଭେମ୍ବରରେ ଗୋବର୍ଦ୍ଧନ ପୂଜା ଏବଂ ୨ ନଭେମ୍ବରରେ ଭାଇଦୁଜ ପାଳନ କରାଯିବ। ଅକ୍ଟୋବର ୨୮ ରୁ ନଭେମ୍ବର ୨ ପର୍ଯ୍ୟନ୍ତ ସ୍କୁଲ ଶିକ୍ଷା ବିଭାଗ ୬ ଦିନ ଛୁଟି ଘୋଷଣା କରିଛି। ଏହି ବର୍ଷ ୨୩ ଡିସେମ୍ବରରୁ ୨୮ ଡିସେମ୍ବର ପର୍ଯ୍ୟନ୍ତ ୬ ଦିନ ଶୀତ ଛୁଟି ରହିବ । ଡିସେମ୍ବର ୨୯ ରବିବାର ଥିବାରୁ ଏହି ଦିନ ମଧ୍ୟ ସ୍କୁଲ ବନ୍ଦ ରହିବ।

## ପାରାଦୀପରେ ଚାଲିଛି ୨ ଦିନିଆ ସମରାଭ୍ୟାସ, ଉପକୂଳ ସୁରକ୍ଷାକୁ ଗୁରୁତ୍ୱ

ଭୁବନେଶ୍ୱର,୨୫।୯(ପି.ଏନ): ପାରାଦୀପରେ ଚାଲିଛି ମିଳିତ ସମରାଭ୍ୟାସ । ଉପକୂଳ ସୁରକ୍ଷାକୁ ଦୃଷ୍ଟିରେ ରଖି ୨ ଦିନିଆ ମିଳିତ ସମରାଭ୍ୟାସ ଆରମ୍ଭ ହୋଇଛି । 'ସାଗର କବଚ-୨' ପକ୍ଷରୁ ଏହି ମିଳିତ ସମରାଭ୍ୟାସ କରାଯାଉଛି । ଏହି ସମରାଭ୍ୟାସ ଟିମରେ ମେରାଇନ୍ ପୋଲିସ, କୋଷ୍ଟ ଗାର୍ଡ, ନାଭାଲ ଟିମ୍, ବନ ବିଭାଗ, ମତ୍ସ୍ୟ ବିଭାଗ ଓ ଗୁଇନ୍ଦା ସଂସ୍ଥା ସାମିଲ ଅଛନ୍ତି । ଉଲ୍ଲେଖ୍ୟଯୋଗ୍ୟ ୨୬/୧୧ ଆକ୍ରମଣ ପରେ ରାଜ୍ୟ ଓ କେନ୍ଦ୍ର ପକ୍ଷରୁ ସମରାଭ୍ୟାସ କରାଯାଉଛି ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ପୁରାଣ କାହାଣୀ

## ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜତ୍ୱ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବିା୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯଷ୍ୟଟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଷ୍ୟରେ ସାହାଯଷ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ।



ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଷ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଡା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଡିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଷ୍ୟତୀତ ଅନଷ୍ୟ ରାଜଷ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଷ୍ୟାରେ ପର୍ଯଷ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଷ୍ୟଟକଙ୍କ ବର୍ଦ୍ଧିତ ସଂଖଷ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଷ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଷ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଷ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଷ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଷ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଷ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଷ୍ୟଟକଙ୍କ ଭିଡକୁ ଲକ୍ଷଷ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଷ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଷ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଷ୍ୟତି ହେବି ନାହିଁ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଷ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଷ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଷ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯଷ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପର୍ଶ୍ଚିମ ଚମ୍ପାରଣଷ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଷ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଷ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ସେପ୍ଟେମ୍ବର ୨୬

# ଜୀବନର ସଦୁପଯୋଗ



ବିଦ୍ୟାଶ୍ରୀ ପଣ୍ଡା

"ମାନବ ଜୀବନ ନୁହଇଁ କେବଳ ବର୍ଷ ମାସ ଦିନ ଦଣ୍ଡ
କର୍ମେ ଯିଏଁ ନର କର୍ମ ଏକା ତାର ଜୀବନର ମାନଦଣ୍ଡ"

ଆମେ ଧରାରେ ଜନ୍ମ ନେଇଛନ୍ତି କେବଳ ବଞ୍ଚିବା ପାଇଁ ନୁହେଁ। ନିଜେ ବଞ୍ଚିବା ଓ ଅନ୍ୟଙ୍କୁ ବଞ୍ଚାଇବା। ନିଜେ କିଛି ଶିଖିବା ଓ ଅନ୍ୟମାନଙ୍କୁ ମହତ୍ ଉଦ୍ଦେଶ୍ୟ, ଆଦର୍ଶ ଓ ନୀତିବାଣୀ ଆଦି ଶିଖେଇବା ପାଇଁ। ଭଗବାନଙ୍କର ଅସୀମ କୃପା ଏବଂ ଆମର ସୁକର୍ମ ଯୋଗୁଁ ଭଗବାନ ଆମକୁ ଏକ ଦୁର୍ଲ୍ଲଭ ଜୀବନ 'ମାନବ' ଜୀବନ ଦେଇଛନ୍ତି। ଏଇ ଛୋଟିଆ ମୁଣ୍ଡରେ କେତେ ବୁଦ୍ଧି ଖଞ୍ଜି ଦେଇଛନ୍ତି। କଥା କହିବାର ଶକ୍ତି, ଭଲ ମନ୍ଦ ବିଚାର କରିବାର ଶକ୍ତି, ସ୍ମୃତି ଶକ୍ତି, ଦୃଷ୍ଟି ଶକ୍ତି, ଶ୍ରବଣ ଶକ୍ତି ଆଦି ସବୁକିଛି ଏ ବିଶ୍ୱନିୟନ୍ତା ଆମକୁ ଦେଇଛନ୍ତି। ତା'ର ସଦୁପଯୋଗ କରି ସମାଜ ପାଇଁ କିଛି ମଙ୍ଗଳ କାର୍ଯ୍ୟ କରି ଏ ମାନବ ଜୀବନକୁ ଦୁର୍ଲ୍ଲଭ କରିବା ପାଇଁ। କାହିଁକି ନା ଏ ଜୀବନ ଆମକୁ ଥରୁଟିଏ ମାତ୍ର ମିଳିଛି ବାରମ୍ବାର ଚେଷ୍ଟା କଲେ ମଧ୍ୟ ଅନ୍ୟ କିଛି ଆମକୁ ମିଳି ପାରିବ ହେଲେ ଏ ମାଣିଷ ଜୀବନ ନୁହେଁ। ଆମ ଜୀବନକାଳ ମଧ୍ୟରେ ସତ୍ କର୍ମ କରିବା, ସତ୍ ଚିନ୍ତନ କରିବା, ସତ୍ ମାର୍ଗରେ ପରିଚାଳିତ ହେବା, ସତ୍‌ସଙ୍ଗ ଗଠନ କରିବା ଏବଂ ଜୀବନକୁ ସଦୁପଯୋଗ କରିବା। ତେଣୁ କଥାରେ ଅଛି –

"ସତ କହିବାକୁ କିଆଁ ଡରିବି
ସତ କହି ପଛେ ମଲେ ମରିବି"

ଏ ଦୁର୍ଲ୍ଲଭ ଜୀବନକୁ ସାଧାରଣ ବାଉଁଶ ଖଣ୍ଡିଏ ନ ଭାବି କାହ୍ନୁର ସୁମଧୁର ବଇଁଶୀ ଭଳି ସୁନ୍ଦର ସୁଲଳିତ ସ୍ୱରଯୁକ୍ତ ବଇଁଶି ଟିଏ ତିଆରି କରିବା ହେଉଛି ଆମର ପରମ ଧର୍ମ। ହସ ଖୁସି ଆନନ୍ଦ ନିରାନନ୍ଦ ସୁଖ ଦୁଃଖ ଏ ସବୁର ସମାହାରରେ ତ' ଜୀବନ। ତେଣୁ ସେସବୁ ପାଥେୟ କରି ଜୀବନ ଜୀଇଁବା ତ ପ୍ରକୃତିର ନୀୟମ। ଜୀବନକୁ ହସି ହସି ବିତେଇ ନେଲେ ଜୀବନ ସ୍ୱର୍ଗ ପାଲଟି ଯିବ। ବର୍ତ୍ତମାନ ସମୟରେ ଜୀବନକୁ ସଫଳ କରିପାରିବାନି ତ ଭବିଷ୍ୟତରେ କେବେ ବି କରିପାରିବା ନାହିଁ। ଯେତେ ବିପଦ ଆପଦ ହାନି ଲାଭ ଜୀବନରେ ଆସିଲେ ମଧ୍ୟ ଯିଏ ତାକୁ ହସି ହସି ଶେଷ ମୁହୂର୍ତ୍ତ ଯାଏ ଦୃଢ଼ତାର ସହ ସାମ୍ନା କରିପାରେ ସେ ହିଁ ପ୍ରକୃତର ଜୀବନର ସ୍ୱାଦକୁ ଉପଲବ୍ଧି କରିପାରେ।

ଜୀବନରେ ଯେତେ ଝଡ଼ ଝଞ୍ଜା ଆସିଲେ ମଧ୍ୟ ତାକୁ ସଂଗ୍ରାମ କରି ଜୀବନର ନଉକାକୁ ଆଗେଇ ନେଲେ ଜୀବନ ସୁମଧୁର ହୋଇଯାଏ ଆଉ ମିଳିଯାଏ ସରଗ ସୁଖ। ଘନ ପଙ୍କିଳ ହ୍ରଦ ମଧ୍ୟରେ କୋଟି କୋଟି ପାଖୁଡ଼ା ବିଶିଷ୍ଟ ସଦ୍ୟ ପ୍ରସ୍ଫୁଟିତ ପଦୁଅଁ ପରି ଗୋଟିଏ ଗୋଟିଏ ପାଖୁଡ଼ା ଖୋଲିଯିବ ତୁମ ଜୀବନ ସରହଦରେ। ଧୈର୍ଯ୍ୟ ଆଉ ସହିଷ୍ଣୁତାର ସହିତ ସମସ୍ତ ବିପଦ ଆପଦକୁ ଦୃଢ଼ତାର ସହିତ ସଂଘର୍ଷ କରି ଆଗେଇ ଗଲେ ମିଳିଯାଏ କୋଟିନିଧି ଆଉ ଭୁରି ଭୁରି ଭାସିଯାଏ ତାର ସୁମଧୁର ବାସ୍ନା।

ହସି ହସି ବାଟ ଚାଲିବାକୁ ହେବ, ଆଉ ଖୁସି ବି ବାଣ୍ଟିବାକୁ ହେବ ଆଶୁତୋଷଙ୍କ ପରି। ସମଗ୍ର ସଂସାରର ମଙ୍ଗଳ ପାଇଁ ଯେମିତି ମହାଦେବ ଶିବଶଙ୍କର କରାଳ ହଳ ହଳ ବିଷକୁ ଆକଣ୍ଠ ପାନ କରି ନୀଳକଣ୍ଠ ସାଜିଥିଲେ ଠିକ୍ ସେହିପରି ତୁମକୁ ଶକ୍ତ କରିବାକୁ ହେବ। ମା ବସୁଧା ଯେମିତି ସମସ୍ତ ଦୁଃଖ କଷ୍ଟକୁ ନିଜ ଛାତିରେ ଧାରଣ କରି ପଥର ପାଲଟି ଯାଇଛି ଠିକ୍ ସେମିତି ଶକ୍ତ ପଥରଖଣ୍ଡ ସାଜିବାକୁ ହେବ। ଜୀବନର ମାନେ ନୁହେଁ ଅଧିକ ଧନ ଅର୍ଜନ କରିବା ବା ଭୋଗବିଳାସ ପୂର୍ଣ୍ଣ ଜୀବନ ଧାରଣ କରିବା। ଏ ଜୀବନ ଅମୂଲ୍ୟ ସମ୍ପଦ ଅଟେ। ଏ ଦୁର୍ମୁଲ୍ୟ ଜୀବନକୁ ମାନବ ସେବାରେ ନିୟୋଜିତ କରି ଏ ସଂସାରକୁ ରକ୍ଷା କରିବା। ଗର୍ବ, ଅହଂକାର, ହିଂସା, ଦ୍ୱେଷ ଆଦି ଠାରୁ ଦୂରେଇ ରହି ନିଷ୍କପଟ, ନିର୍ଭିକ, ସତ୍ୟ, ନିରଂହକାର ଭାବରେ ବଞ୍ଚିବାର ଖସଡ଼ା ପ୍ରସ୍ତୁତ କର। ନିଜ ଜୀବନକୁ ଅଧ୍ୟାତ୍ମିକ ଚିନ୍ତନ ଏବଂ ସତ୍ ପଥରେ ପରିଚାଳିତ କରିବାକୁ ଆପ୍ରାଣ ଉଦ୍ୟମ କର। ଏ ଜୀବନକୁ ସଦୁପଯୋଗ କର। ଯେପରି ସଙ୍ଗୀତ ସାଧନ କରିବା ପାଇଁ ବୀଣାର ତାରକୁ ସନ୍ତୁଳିତ କରି ସୁମଧୁର ସଙ୍ଗୀତ ସାଧନା କରାଯାଏ ଠିକ୍ ସେହିପରି ଜୀବନକୁ ସନ୍ତୁଳିତ କରି ଏକ ଅନୁପମ ଶାନ୍ତି ପ୍ରାପ୍ତି ପାଇଁ ପ୍ରୟାସ କରିଚାଲ। ଦେଖିବ ତୁମର ଏ ଆତ୍ମପ୍ରୟାସ ଦିନେ ନା ଦିନେ ତୁମକୁ ତୁମ ଲକ୍ଷ୍ୟସ୍ଥଳରେ ପହଂଚାଇ ଦେବ ଏବଂ ପରମ ତୃପ୍ତି ଲାଭ କରିପାରିବ। ଏ ଜୀବନର ପ୍ରତି କ୍ଷଣକୁ ସୁକର୍ମରେ ପରିଚାଳିତ କଲେ ଜୀବନ ସୁନ୍ଦର ସରସ ସୁମଧୁର ସ୍ୱରମୟ ହୋଇ ପାରିବ।

ଚିତା ହୋଇ ଜଳିବା ପୂର୍ବରୁ ନିଜର ଚେତନା ଜାଗ୍ରତ କର। ଯିଏ ନିଜକୁ ଭଲ ଭାବରେ ଚିହ୍ନି ପାରିଛି, ଆତ୍ମତନ୍ତ୍ରୀର ସ୍ୱରକୁ ଶ୍ରବଣ କରି ପାରିଛି, ଆତ୍ମଜ୍ଞାନ ପ୍ରାପ୍ତ କରି ପାରିଛି, ନିଜ ଅନ୍ତରରେ ସ୍ୱୟଂ ନାରାୟଣଙ୍କୁ ଚିହ୍ନି ପାରିଛି, ସେ ଜୀବନ୍ତ। ଯାହାଙ୍କ ଜୀବନରେ ଆନନ୍ଦ, ଉଲ୍ଲାସ, ଉତ୍ସାହ, ଉଦ୍ଦୀପନା, ଆତ୍ମଜ୍ଞାନ ବୋଲି କିଛି ନାହିଁ ସେ ତ ମୃତ ବ୍ୟକ୍ତି ସହ ସମାନ ଅଟେ।

ଆମ ମନ ମଧ୍ୟରେ ଏକ ଧାରଣା ଯେ ମନ୍ଦିର ଭିତରେ ଠାକୁର ଅଛନ୍ତି, ସିଏ ସବୁ ଦେଖୁଛନ୍ତି ତେଣୁ ସେଠାରେ ଆମେ କୌଣସି ଭୁଲ୍ କରିବା ନାହିଁ। ଏହା ପୂର୍ବରୁ ସିଏ ଜାଣିବା ଦରକାର ଯେ ଆମ ମନ ହେଉଛି ଏକ ମନ୍ଦିର। ଆମ ମନମନ୍ଦିରରେ ମଧ୍ୟ ଭଗବାନ ଅଛନ୍ତି । ପ୍ରତ୍ୟେକ ଜୀବ ହୃଦୟରେ ବ୍ରହ୍ମକୁ ଚିହ୍ନିପାରିଥିବା ବ୍ୟକ୍ତି କେବେ ଅନ୍ୟ ସହ ଝଗଡ଼ା, ନିନ୍ଦା, ପରଚର୍ଚ୍ଚା, ଈର୍ଷାପରାୟଣ, ଅହଂକାରୀ, ବେଇମାନୀ, ନିନ୍ଦା ସ୍ତୁତି କରିପାରିବ ନାହିଁ। ସ୍ୱୟଂ ଭଗବାନ ଆମର ପ୍ରତି କୋଣାନୁକୋଣରେ ଅଛନ୍ତି ଏବଂ ଆମର ପ୍ରତ୍ୟେକ କାର୍ଯ୍ୟକୁ ସେ ଖୁବ୍ ଭଲ ଭାବରେ ଦେଖୁଛନ୍ତି। ତେଣୁ ସେ କେବେ ଏ ସବୁ କାର୍ଯ୍ୟ କରି ପାରିବ ନାହିଁ। ଜୀବନରେ ଆସୁଥିବା ସମସ୍ୟା ଗୁଡ଼ିକୁ କେବଳ ହିଂସା ଓ ପ୍ରତିଶୋଧରେ ସମାଧାନ କରାଯାଇ ପାରେ ନାହିଁ। ସତ୍ୟ ଏବଂ ପ୍ରେମଦ୍ୱାରା ହିଁ ସେ ସବୁ ସମାସ୍ୟାର ସମାଧାନ ହୋଇପାରିବ।

ଉଦ୍ଦେଶ୍ୟ ବିନା କୌଣସି ବ୍ୟକ୍ତି ଜୀବନର ମୂଲ୍ୟ କିଛି ନାହିଁ। ଯେମିତି ନାଉରୀର ବିନା କାତରେ ନଉକାଟି ଟଳମଳ ହୋଇଥାଏ। ସାବଧାନର ସହିତ ସତ୍ କାର୍ଯ୍ୟ କରି ସଫଳ ଜୀବନ ଧାରଣ କରିବା ହିଁ ଜୀବନର ଉଦ୍ଦେଶ୍ୟ। ତେଣୁ ଉତ୍ତମ କର୍ମ, ସତ୍ ଚିନ୍ତା, ଉଚିତ୍ ମାର୍ଗ ଅନୁସରଣ କରି ଜୀବନର ନଉକାକୁ ବାହିନେଲେ ଜୀବନ ମଙ୍ଗଳମୟ ଏବଂ ପବିତ୍ରମୟ ହୋଇଉଠିବ। ପିତା ମାତାଙ୍କ ସେବା, ଗୁରୁଗୁରୁଜନଙ୍କ ପ୍ରତି ଭକ୍ତି ଓ ଉତ୍ତମ ଆଚରଣ, ସୁ-ମାର୍ଗରେ ପରିଚାଳିତ ହେବା ଇତ୍ୟାଦି ପ୍ରତି ଖୁବ୍ ଭଲଭାବରେ ନିରେଖି ଆଗେଇ ଯିବା ଉଚିତ। ମନ ମଧ୍ୟରେ ଏ ଚିନ୍ତାଚେତନା ରହିବା ଉଚିତ୍ ଯେ ଆମେ ସାଙ୍ଗରେ କ'ଣ ନେଇ ଆସିଥିଲେ, କ'ଣ ନେଇ ଯିବା ? ତା' ହେଲେ ଏ ସବୁ ଖରାପ କାର୍ଯ୍ୟ କରିବା କ'ଣ ପାଇଁ ? ଅନୈତିକ ଭାବରେ ଧନ ସଂଗ୍ରହ କରିବା କାହିଁକି ?

ଯିଏ ନିଜ ଜୀବନକୁ ସତ୍‌ସଙ୍ଗ, ସତକର୍ମ, ସତ୍ ଚିନ୍ତନ, ଈଶ୍ୱର ଉପାସନା ଆଦିରେ ଜୀବନ ଅତିକ୍ରମ କରିଥାଏ ସେ ହିଁ ପ୍ରକୃତରେ ସାର୍ଥକ ମଣିଷ। ତେଣୁ ନିଜର ଆତ୍ମତତ୍ତ୍ୱକୁ ଜାଣ, ପ୍ରତିଦିନ ଈଶ୍ୱରଙ୍କୁ ସ୍ମରଣ କର, ଭଜନ କର, ଆତ୍ମଚିନ୍ତନ କର। ଦେଖିବ ଜୀବନ କେତେ ମଧୁର ଓ ଶିବମୟ ହୋଇଉଠିବ, ଜୀବନ ଆନନ୍ଦମୟ ହୋଇଯିବ । ଦର୍ପଣ ପରି ପାରଦର୍ଶୀ ଓ ଦୁରଦର୍ଶୀ କରି ନିଜକୁ ଗଢ଼ି ତୋଳ। ଈଶ୍ୱରଙ୍କ ଉପରେ ଅତୁଟ ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସ ରଖ। ସଦାସର୍ବଦା ଭଗବାନଙ୍କ ଶରଣରେ ସମର୍ପି ଦିଅ । ଦେଖିବ ତୁମର ଜୀବନ ନଉକାଟି କେବେହେଲେ ଅତଳ ଗର୍ଭରେ ଲୀନ ହୋଇ ଯିବ ନାହିଁ। ମନୁଷ୍ୟ ଜୀବନ ଏମିତି ଖାଲି ବଞ୍ଚିବା ପାଇଁ ନୁହେଁ। କିଛି କର୍ମ କରିଚାଲ ଯେମିତି ସମସ୍ତଙ୍କ ହୃଦୟର କେଉଁ ଏକ ନିଭୃତ କୋଣରେ ତୁମର ପ୍ରତିଛବି ଉଜ୍ଜ୍ୱଳିତ ହୋଇ ରହିଥିବ। ଯାହାକି ମୃତ୍ୟୁ ପରେ ବି ତୁମକୁ ବଞ୍ଚାଇ ରଖିବ।

*କୋରକୋରା, ଭଦ୍ରକ*
*ମୋ - ୯୦୯୦୮୯୯୮୨୬*

# କଟକର ଘାଟ



ବିପିନ ବିହାରୀ ରାଉତ

ହଜାର ବର୍ଷର ପରିଚୟରେ ସମୃଦ୍ଧ ଏହି କଟକ ସହର। କଟକକୁ ନେଇ ଅନେକ କିମ୍ବଦନ୍ତୀ, କାହାଣୀ, କଥା, ନଥା ଏହିସବୁ....। ଦୁଇପଟରେ ଉଜାଣି ମହାନଦୀ ଓ କାଠଯୋଡ଼ିରେ ବୋହି ଗଲାଣି ଅନେକ କଟକର ଜୀବନ କାହାଣୀ, କଟକର ଘଟଣାନାମା। ସହରର ଦୁଇ ପଟରେ ନଦୀ ରହିଥିବା ଏହି ଅନ୍ୟତମ ପୁରାତନ ସହରଟି ବିଶ୍ୱବିଖ୍ୟାତ ମଧ୍ୟ। ଓଡ଼ିଶା ଏକ ନଦୀ ମାତୃକା ରାଜ୍ୟ। ଇତିହାସ ପୃଷ୍ଠାକୁ ଆଖି ଲେଉଟିଲେ ଲଣ୍ଡନ ନଗରୀ ଟେମ୍ସ ନଦୀ କୂଳରେ ଗଢ଼ି ଉଠିଥିବାବେଳେ ଅନ୍ୟତମ ପ୍ରାଚୀନ ନଗରୀ ରୋମ ଟାଇବର ନଦୀ କୂଳରେ, ଗଙ୍ଗା ନଦୀ କୂଳରେ ପ୍ରଖ୍ୟାତ ବାରାଣାସୀ, ଆହ୍ଲାବାଦ, ପାଟନା ସମୃଦ୍ଧ ହୋଇଥିବାବେଳେ ଯମୁନା ନଦୀ କୂଳରେ ଭାରତର ରାଜଧାନୀ ଦିଲ୍ଲୀ ମହାନଗରୀ। ତେବେ ଇତିହାସର ଆଉ ଟିକେ ପଛକୁ ଗଲେ ମିଶର ସଭ୍ୟତା ନୀଳନଦୀ କୂଳରେ ଗଢ଼ି ଉଠିଥିଲାବେଳେ ସିନ୍ଧୁନଦୀ କୂଳରେ ସିନ୍ଧୁ ସଭ୍ୟତା ଓ ୟାଂ ସିକିୟାଂ ନଦୀ ତଟର ପ୍ରାଚୀନ ଚୀନ ସଭ୍ୟତା ମଧ୍ୟ ଦୃଷ୍ଟି ଆକର୍ଷଣ କରିଥାଏ। ଭୌଗୋଳିକ ଚିତ୍ରକୁ ଦେଖିଲେ ମାନବ ସଭ୍ୟତା ଏହି ସୁନାବ୍ୟା ଓ ଜୀବନ୍ତ ନଦୀ କୂଳରେ ବିକାଶ ଲାଭ କରି ଗଢ଼ି ଉଠିଛି। ପୁରାତନ ସମୟରେ ନିଘଞ୍ଚ ଅରଣ୍ୟ ଓ ବିପଦ ସଂକୁଳ ଦୁର୍ଗମ ଗିରିପଥ ଗମନା ଗମନ ପାଇଁ ସହଜ ସାଧ୍ୟ ନଥିବାରୁ ଚିର ସ୍ରୋତା ଓ ପ୍ରବାହିତ ନଦୀର ଜଳ ପଥ ହିଁ ମଣିଷ ସଭ୍ୟତାର ଗମନା ଗମନର ବଡ଼ ମାଧ୍ୟମ ଥିଲା। ଏହି ନଦୀର ତଟ ଦେଶରେ ଅନେକ ଘାଟ ନିର୍ମାଣ କରାଯାଏ। ପରବର୍ତ୍ତୀ ସମୟରେ ଏହି କୂଳରେ ଆରମ୍ଭ ହେଲା ବିଭିନ୍ନ ବାଣିଜ୍ୟ କେନ୍ଦ୍ର ଓ ପରବର୍ତ୍ତୀ ସମୟରେ ବଡ଼ ବଡ଼ ନଗରର ତିଆରିର ଶୁଭାରମ୍ଭ ଏଇଠୁ ହିଁ ହୋଇଥିଲା।

ଆଜିର କଟକ ନଗରୀର ଅବସ୍ଥିତି ଓ ସ୍ଥାୟୀତ୍ୱକୁ ଚିନ୍ତା କଲାବେଳେ ମାନସ ପଟ୍ଟକୁ ଆସନ୍ତି କେଶରୀ ବଂଶର ନୃପତି ମର୍କତ କେଶରୀଙ୍କ ବିଶିଷ୍ଟ ସ୍ଥପତି ବାଇମୁଣ୍ଡିଙ୍କ ଦୂରଦୃଷ୍ଟି। ତାଙ୍କରି ଦୂରଦୃଷ୍ଟି, ତ୍ୟାଗପୂର୍ଣ୍ଣ ସଂକଳ୍ପ ଓ ବୁଦ୍ଧିମତ୍ତା ଯୋଗୁଁ ସୁଗଭୀର କାଠଯୋଡ଼ି ନଦୀକୂଳରେ ଗଢ଼ି ଉଠିଥିଲା ପଥରବନ୍ଧ। ମହାନଦୀ ଓ ମହାନଦୀର ଶାଖା ନଦୀ କାଠଯୋଡ଼ିର ମଝି ସ୍ଥାନରେ ଏହି ପ୍ରାଚୀନ ନଗରୀଟି ପରବର୍ତ୍ତୀ ସମୟରେ ଅନେକ ଘାଟ ଏହି ମହାନଦୀ ଓ କାଠଯୋଡ଼ି କୂଳରେ ଗଢ଼ି ଉଠିଲା। କଟକର ଅନେକ ଘାଟ ଭିତରେ ପ୍ରସିଦ୍ଧ ହେଉଛି ମହାନଦୀ କୂଳ ବାରବାଟୀ ଦୁର୍ଗ ନିକଟର ଗଡ଼ଗଡ଼ିଆ ଘାଟ, ଯୋବ୍ରା ଘାଟ ଓ କାଠଯୋଡ଼ିର ପୁରୀଘାଟ।

ଯୋବ୍ରାଘାଟ : ପ୍ରାଚୀନ ନଗରୀ କଟକକୁ ମହାନଦୀର ବନ୍ୟାକୋପରୁ ରକ୍ଷା କରିବା ସହ କଟକର ତଳିଆ ଅଞ୍ଚଳର ଜଳସେଚନର ସଦୁପଯୋଗ ପାଇଁ ଯୋବ୍ରା ଆନିକଟରୁ ହିଁ ତାଳଦଣ୍ଡା କେନାଲର ସୃଷ୍ଟି। ଇଂରେଜ ସରକାରଙ୍କ ସମୟରେ ଏହି କେନାଲ ତିଆରି ହୋଇଥିଲା। ପୁରାତନ ଆନିକଟ ସ୍ଥାନରେ ପରବର୍ତ୍ତୀ ସମୟରେ ବିଶ୍ୱବ୍ୟାଙ୍କର ଆର୍ଥିକ ସହାୟତାରେ ଯେଉଁ ସୁଉଚ୍ଚ ଆନିକଟଟି ତିଆରି ହୋଇଥିଲା ତାହାଥିଲା ନୂଆ। ଯୋବ୍ରା ଶବ୍ଦଟି ଆଲୋଚନା କଲାବେଳକୁ ଏହା ବିଶେଷତଃ ସୌରା ଓ ଓରାଁ ଉପଭାଷାରୁ ଏ ଶବ୍ଦଟି ସୃଷ୍ଟି। କାରଣ ଏହି ଭାଷାରେ ଯୋବ୍ରାର ଅର୍ଥ ହେଉଛି ସନ୍ତସନ୍ତିଆ ଅଞ୍ଚଳ। ତେଣୁ ଏ ଦୃଷ୍ଟିରୁ ବିଚାର କଲେ ଜଣାଯାଏ ଯେ ମହାନଦୀର ଏହି ଅଞ୍ଚଳଟି ଆନିକଟ ନିର୍ମାଣ ପୂର୍ବରୁ ସମ୍ଭବତଃ ସନ୍ତସନ୍ତିଆ ଥିଲା। ଯୋବ୍ରା ଘାଟଟି ନିକଟସ୍ଥ ସାହିବସ୍ତି ବାସିନ୍ଦା ତଥା କଟକିଆଙ୍କ ପାଇଁ ଏକ ବୃହତ ସ୍ନାନାଗାରର ପାଦଦେଶ କହିଲେ ଅତ୍ୟୁକ୍ତି ହେବନାହିଁ।

କୁରୁକ୍ଷେତ୍ର ଘାଟ ବା କାଳିଆବୋଦା : ମହାନଦୀର ରିଂ ରୋଡ଼ରେ ଯୋବ୍ରା ଅଞ୍ଚଳରେ ଥିବା ଏହି କାଳିଆବୋଦା ଘାଟଟି ମହାନଦୀର ସାମାନ୍ୟ ତଳିଆ ଅଞ୍ଚଳରେ ଶ୍ମଶାନକୁ ଲାଗି ରହିଛି। ବିଶେଷତଃ ଶବ ଦାହ ସଂସ୍କାର ପରେ ସ୍ନାନ ତର୍ପଣ ଓ ପୂଜାକାର୍ଯ୍ୟ ଆଦି ଏହି ଘାଟରେ ଅନୁଷ୍ଠିତ ହୋଇଥାଏ। ଅନେକ ଦିନ ତଳେ ଏହି କାଳିଆବୋଦା ଅଞ୍ଚଳରେ ବହୁ ଆଧ୍ୟାତ୍ମିକ ସାଧକ, ବୈଷ୍ଣବ, ବାବାଜୀମାନେ ବସବାସ କରି ଏକ ମଠ ନିର୍ମାଣ କରିଥିଲେ। ଏହାକୁ କୁରୁକ୍ଷେତ୍ର ନାମରେ ମଧ୍ୟ ନାମିତ କରାଯାଇଥିଲେ ବି ଏହାର ନାମକରଣ ପଛର ଉତ୍ପତ୍ତି ସମ୍ପର୍କରେ ସେପରି କୌଣସି ଲିଖିତ ତଥ୍ୟ ନାହିଁ।

ମାତା ମଠ ଘାଟ : ମହାନଦୀର ସାମାନ୍ୟ ଉପରମୁଣ୍ଡକୁ ଭୁବନାନନ୍ଦ ଇଞ୍ଜିନିୟରିଂ ସ୍କୁଲ ଓ ରାଜ୍ୟ ଭିଜିଲାନ୍ସ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟର ପଛ ଭାଗରେ ଏହି ଘାଟଟି ଅବସ୍ଥିତ। କହିବାକୁଗଲେ ଏହା ଉପରେ ମଙ୍ଗଳାବାଗ, ବକ୍ସିବଜାର, ମହ୍ଲାସାହି, ଇଞ୍ଜିନିୟରିଂ ସ୍କୁଲ ଓ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଅଞ୍ଚଳର ସାହି ବାସିନ୍ଦା ମାନେ ଅନେକ ନିର୍ଭରଶୀଳ। ଦିନଥିଲା ରିଂ ରୋଡ଼ ତିଆରି ହେବା ପୂର୍ବରୁ ଏଠାରେ ଏକ ଗଭୀର ଓ ପ୍ରଶସ୍ତ ଗଣ୍ଡ ଥିଲା।

କରମଳା ମଠ ଘାଟ : ମହାନଦୀ କୂଳର କ୍ୟାଣ୍ଟିନମେଣ୍ଟ ରାସ୍ତାର ମଧ୍ୟଭାଗ ଅଞ୍ଚଳ ଯେଉଁଠି ବହୁ ପୁରୁଣା କରମଳା ମଠ ରହିଛି। ଏହି ମଠରେ ଅଭିରାମ ପରମହଂସଙ୍କ ପୂଜା କାର୍ଯ୍ୟ ଓ ବର୍ଷ ତମାମ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟ ଅନୁଷ୍ଠିତ ହୋଇଥାଏ। ତେବେ ଏହି ମଠର ପଛ ଭାଗରେ ମହାନଦୀକୂଳରେ କରମଳା ମଠ ଘାଟଟି ରହିଛି। କଟକକୁ ନୌବାଣିଜ୍ୟ ସମୟରେ ଏହି ଘାଟରେ ଦିନଥିଲା ବେଶ ଗହଳ ଚହଳ ଲାଗି ରହୁଥିଲା। ବଡ଼ ବଡ଼ ପୋତରେ ଆସୁଥିବା ବାଣିଜ୍ୟ ସାମଗ୍ରୀ ଏଠାରେ ଅନଲୋଡ଼ ହୋଇ ସହର ଓ ଅନ୍ୟ ଅଞ୍ଚଳକୁ ଯାଉଥିଲା ବୋଲି ପୁରୁଣା ସମୟର ସ୍ମୃତି କୁହନ୍ତି କିଛି ବୟସ୍କ କଟକିଆ।

ଗଡ଼ଗଡ଼ିଆ ଘାଟ : କଟକର ସବୁଠାରୁ ବଡ଼ ଘାଟର ମର୍ଯ୍ୟାଦା ପାଇଛି ଏହି ପୂଣ୍ୟତୋୟା ମହାନଦୀ କୂଳର ଘାଟଟି। ପୁରୁଣା ବାରବାଟୀ ଦୁର୍ଗ ନିକଟରେ ହିଁ ଭଗବାନ ଗଡ଼ଗଡ଼େଶ୍ୱରଙ୍କ ପାଦଦେଶରେ ଏହି ଘାଟଟି ଅବସ୍ଥିତ। ସପ୍ତମ ଶତାବ୍ଦୀରୁ ହଜାର ଶତାବ୍ଦୀ ପର୍ଯ୍ୟନ୍ତ ଆମ ପ୍ରାଚୀନ ଉତ୍କଳର ଓଡ଼ିଆ ପୁଅ ବେପାର ବଣିଜ୍ୟ ସାରି ନୌକା ବାହି ସୁଦୂର ସୁମାତ୍ରା, ଜାଭା, ବର୍ମା, ଚୀନ ଓ ବର୍ଣ୍ଣିଓ ଆଦି ଅଭିମୁଖେ ଯାଉଥିଲେ। ବ୍ୟବସାୟ କରି ଧନରତ୍ନରେ ନିଜ ବଡ଼ ବଡ଼ ପୋତରେ ସେ ଅଞ୍ଚଳର ସାମଗ୍ରୀ ଓ ଅର୍ଥ ଧରି ଫେରୁଥିଲେ। ସେହି ପ୍ରାଚୀନ ନୌବାଣିଜ୍ୟର ଆମ ସାଧବ ପୁଅଙ୍କ ଅପାସୋରା ସ୍ମୃତିକୁ ଏବେ ବି କେବଳ କଟକିଆ ନୁହଁନ୍ତି ତମାମ ଓଡ଼ିଆମାନେ ମନେରଖିଛନ୍ତି। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ଏହି ଗଡ଼ଗଡ଼ିଆ ଘାଟରେ କଦଳୀ ପଟୁଆରେ ଡଙ୍ଗା ଭସାଇ ଆ, କା,ମା ଭୈ ଗୀତ ଧ୍ୟାନ କରି ବାଲିଯାତ୍ରାର ଆୟମାରମ୍ଭ ହୋଇଥାଏ। ଏହି ଘାଟ ମୂଳରେ ଭଗବାନ ଗଡ଼ଗଡ଼େଶ୍ୱରଙ୍କ ସମେତ ରାମ ମନ୍ଦିର ଓ ବିଷ୍ଣୁ ମନ୍ଦିର ମଧ୍ୟ ରହିଛି। ତେବେ ଐତିହାସିକ ତଥ୍ୟ ଅନୁଯାୟୀ ଇଂରେଜମାନେ ମହାନଦୀର ଅପର ପଟରୁ ଏହି ଗଡ଼ଗଡ଼ିଆ ଘାଟ ଦେଇ ହିଁ ପ୍ରାଚୀନ କଟକ ସହର ଭିତରକୁ ଆସିପାରିଥିଲେ। କାରଣ ଏହାର ନିକଟରେ କ୍ୟାଣ୍ଟେନମେଣ୍ଟ ବା ସେନା ଛାଉଣୀ ପ୍ରତିଷ୍ଠା ହୋଇଥିଲା। ଯାହାର ନାମକରଣ ଭାବେ ଆଜି କଟକ କ୍ୟାଣ୍ଟିନମେଣ୍ଟ ରୋଡ଼ ବେଶ ପ୍ରସିଦ୍ଧ। ଏହି କ୍ୟାଣ୍ଟିନମେଣ୍ଟ ରୋଡ଼ରେ ମଧ୍ୟ ଏକ ପୁରାତନ ପ୍ରୋଟେଷ୍ଟାଣ୍ଟ ଗୀର୍ଜା ରହିଛି। ଗଡ଼ଗଡ଼ିଆ ଘାଟର ଦୁଇପଟେ ଉଭୟ ବାଲିଯାତ୍ରାର ତଳ ପଡ଼ିଆ ଓ ଉପର ପଡ଼ିଆ ରହିଥିବାରୁ ବାଲିଯାତ୍ରା ସମୟରେ ଏହା କିଛି ଦିନ ପାଇଁ ଲୋକାରଣ୍ୟ ହୋଇଯାଏ। ଦିନରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଗହଳି ଚହଳି ଲାଗିଥାଏ। ଏହା ବ୍ୟତୀତ ବର୍ଷର ବିଭିନ୍ନ ସମୟରେ ବାହାର ରାଜ୍ୟରୁ ଆସୁଥିବା ତୀର୍ଥଯାତ୍ରୀମାନେ ମହାନଦୀରେ ନିତ୍ୟକର୍ମ କାର୍ଯ୍ୟ ସାରି ରୋଷେଇ ବାସ ସହ ଅସ୍ଥାୟୀ ବିଶ୍ରାମ ମଧ୍ୟ ନେଇଥାନ୍ତି।

ଚିଦାନନ୍ଦ ଘାଟ (ଫାଶୀଦିଆ ବର) : କଟକ ସହରର ଜନଜାତକ ଓ ଯେତେ ଆଲୋଚନା କଲେ ବି ତାହା ତ କେବେ ସରିବନି, ମହାନଦୀ କୂଳରେ ତୁଳସୀପୁର ଅଞ୍ଚଳ ରହିଛି। କୁହାଯାଏ ଦିନଥିଲା ଏହି ଅଞ୍ଚଳଟି ଘଞ୍ଚ ଓ ବୁଦୁବୁଦୁକିଆ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା। ଅପରପାର୍ଶ୍ୱରେ ଏହି ଛୋଟିଆ ପଠାଟି ମହାନଦୀ ଗର୍ଭରେ। ଏହି ମହାନଦୀ କୂଳରେ ଥିଲା ଏକ ବିଶାଳକାୟ ପ୍ରକାଣ୍ଡ ବରଗଛ ଯାହା ଆଜି ପର୍ଯ୍ୟନ୍ତ ମଧ୍ୟ ନିଜ ଅସ୍ତିତ୍ୱ ବଖାଣୁଛି। ମହାନଦୀର ଅପରପାର୍ଶ୍ୱରେ ଥିବା ଚୌଦ୍ୱାର, କଖଡି, ଚଷାପଡ଼ା, ଡିହସାହି, ଗୋଡ଼ି ପାଟଣା ଇତ୍ୟାଦି ଅଞ୍ଚଳରୁ ଲୋକମାନେ ଏହି ଘାଟ ଦେଇ ପାର ଉତାର ହୁଅନ୍ତି। ତେବେ ଦିନଥିଲା ସନ୍ଧ୍ୟା ସମୟରେ ଯାତ୍ରୀ ମାନଙ୍କ ଠାରୁ ଲୁଟପାଟ ହେଉଥିଲା। ଏପରିକି କେତେକ ଦୁର୍ବୃତ୍ତ ସମସ୍ତ ଲୁଟ କାର୍ଯ୍ୟ ପରେ ବରଗଛ ଓହଳରେ ଫାଶୀ ଦେଇ ଦେଉଥିଲେ ଯଦିଓ ବର୍ତ୍ତମାନ ସେ ଅସ୍ତିତି ନାହିଁ କିନ୍ତୁ ଫାଶୀଦିଆ ବରଗଛଟି କିମ୍ବଦନ୍ତୀ ହୋଇ ରହିଛି। ଏହି ଘାଟକୂଳରେ ସ୍ୱାମୀ ଚିଦାନନ୍ଦଙ୍କ ଆଶ୍ରମ, ପ୍ରାର୍ଥନା କେନ୍ଦ୍ର ଓ ଏକ ଦାତବ୍ୟ ଚିକିତ୍ସାଳୟ ଗଢ଼ି ଉଠିଛି। ଏଠାରେ ହରିଣ ମାନଙ୍କ ପାଇଁ ଏକ ପ୍ରାକୃତିକ ବିଚରଣ କେନ୍ଦ୍ର ରହିଛି। ବହୁ ବିସ୍ତାରିତ ରିଂ ରୋଡ଼ଟି ସରକାରଙ୍କ ଉଜ୍ଜ୍ୱଳ ଷ୍ଟ୍ରିଟ ଲାଇଟର ଆଲୋକମାଳାରେ ସନ୍ଧ୍ୟା ସମୟରେ ଅତ୍ୟନ୍ତ ଚମକଦାର ଦୃଶ୍ୟାବଳୀର ସୃଷ୍ଟି କରୁଛି।

ଚହଟା ଘାଟ : ଯୋବ୍ରାପଟୁ ନରାଜ ଆଡ଼କୁ ରିଂ ରୋଡ଼ରେ ଆସିଲେ ଚିଦାନନ୍ଦ ଘାଟର ପ୍ରାୟ ଏକ କିଲୋମିଟର ଉପରକୁ ମହାନଦୀ କୂଳରେ ଏହି ଘାଟଟି ଅବସ୍ଥିତ। ନିକଟରେ ବିରାଜିତ ଭଗବାନ ଚହଟେଶ୍ୱର। ଏହି ଘାଟଟି ମଧ୍ୟ ମହାନଦୀର ଆରପଟେ ଥିବା ଗ୍ରାମବାସୀଙ୍କ ପାଇଁ ବହୁଳ ଭାବେ ଦିନେ ବ୍ୟବହୃତ ହେଉଥିଲା। ଦିନଥିଲା ପ୍ରଭୁ ଧବଳେଶ୍ୱରଙ୍କ ଦର୍ଶନ ପାଇଁ ଏହି ଠାରୁ ହିଁ ଦର୍ଶନାର୍ଥୀ ଯାତ୍ରା କରୁଥିଲେ।

ପୁରୀଘାଟ : କାଠଯୋଡ଼ି ନଦୀ କୂଳରେ ଅବସ୍ଥିତ ଏହି ଘାଟଟି ସହରର ଅନ୍ୟତମ ସର୍ବପ୍ରାଚୀନ ଘାଟ। ଅନେକ ଦୃଷ୍ଟିରୁ ଏହି ଘାଟର ସ୍ୱତନ୍ତ୍ରତା ରହିଛି। କେହି କେହି ଏହାକୁ କଟକର ପ୍ରବେଶ ଦ୍ୱାର ମଧ୍ୟ କୁହନ୍ତି। ଦିନଥିଲା କାଠଯୋଡ଼ି ଓ କୁଆଖାଇର ନଦୀବନ୍ଧ ରାସ୍ତା ତିଆରି ନହେବା ପୂର୍ବରୁ କେବଳ କଟକ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଲୋକ ନୁହଁନ୍ତି ଢ଼େଙ୍କାନାଳରୁ ବାଲେଶ୍ୱର ତଥା ଓଡ଼ିଶା ଏପରିକି ଓଡ଼ିଶା ବାହାରର ତୀର୍ଥଯାତ୍ରୀ ଓ ସାଧାରଣ ଲୋକମାନେ ଡଙ୍ଗାଦ୍ୱାରା କାଠଯୋଡ଼ିର ଅପରପଟରୁ ଏହି ଘାଟ ବାଟେ ପାର ହୋଇ କଟକରେ ପ୍ରବେଶ କରି ଭୁବନେଶ୍ୱର ଓ ପୁରୀ ଆଦି ଯାଇପାରୁଥିଲେ। ସହରର ସମସ୍ତ ପୂଜା ପାର୍ବଣରେ ଏହି ଘାଟରେ ରହିଥିବା ଦେବୀଗଡ଼ାରେ ହିଁ ବିସର୍ଜନ ଓ ପୂଜାର ଆୟମ୍ବରାମ୍ଭ କୁହାଯାଉଥିବା ମାଟିପୂଜା କାର୍ଯ୍ୟ ଏଠାରେ ଅନୁଷ୍ଠିତ ହୋଇଥାଏ।

ଗଣେଶ ଘାଟ : କାଠଯୋଡ଼ି କୂଳରେ ଏକ ଛୋଟ ଘାଟ ହୋଇଥିଲେ ମଧ୍ୟ ଲୋକବାକ ଗହଳି ଦୃଷ୍ଟିରୁ ଗଣେଶ ଘାଟର ସ୍ଥାନ ସ୍ୱତନ୍ତ୍ର। ଏହି ଘାଟ ନିକଟରେ ଭଗବାନ ଗଣେଶଙ୍କ ମନ୍ଦିର ଥିବାରୁ ଏହାର ନାମକରଣ ଗଣେଶ ଘାଟ ହୋଇଛି ବୋଲି ପୁରୁଖା କଟକିଆ ମତ ରଖନ୍ତି। ଏହି ଘାଟର ପାଖ ସାହି ଯଥା ବାଖରାବାଦ, ଫିରିଙ୍ଗ ବଜାର ଆଦିର ବାସିନ୍ଦାମାନେ ଏହା ଉପରେ ଅନେକ ଭାବେ ନିର୍ଭରଶୀଳ। ସେହିପରି ପାଖରେ ହାଇକୋର୍ଟ ଓ ଶିଶୁଭବନ ଥିବାରୁ ଏଠାକୁ ଆସୁଥିବା ଲୋକମାନଙ୍କର ନିତ୍ୟକର୍ମ କାର୍ଯ୍ୟ ଏହି ଘାଟରେ ସମାପନ କରନ୍ତି। ପାଖରେ ଜୁଡ଼ିସିଆଲ ଏକାଡ଼େମୀ ବେଶ ପ୍ରଶସ୍ତ ଭାବେ ତିଆରି ହେବା ପରେ ଏହି ଘାଟର ଗୁରୁତ୍ୱ ଓ ମର୍ଯ୍ୟାଦା ଅନେକ ଦୃଷ୍ଟିରୁ ବଢ଼ି ଯାଇଛି।

ଖାନନଗର ଘାଟ : କାଠଯୋଡ଼ି କୂଳରେ ଖାନନଗର କାଳୀ ମନ୍ଦିର ନିକଟରେ ରହିଥିବା ଖାନନଗର ଘାଟଟି କଟକିଆଙ୍କ ପାଇଁ ଅନେକ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ। ସହରର ଅନ୍ୟତମ ବଡ଼ ଶ୍ମଶାନର ମର୍ଯ୍ୟାଦା ପାଇଥିବା ଖାନନଗର ଶ୍ମଶାନରେ ଦାହ କାର୍ଯ୍ୟ ସମାପନ ପରେ ନଦୀରେ ସ୍ନାନ ତର୍ପଣ ଆଦି ପାଇଁ ଏହି ଘାଟଟି ବ୍ୟବହାର ହୋଇଥାଏ। ତେବେ ଖାନନଗର ସାହି ନିକଟରେ ଏହାପରେ ଆଉ ତିନୋଟି ଛୋଟ ଛୋଟ ଘାଟ ମଧ୍ୟ ରହିଛି।

କଟକ ସହରର ଘାଟ ଗୁଡ଼ିକ ଅନେକ ଦୃଷ୍ଟିରୁ ଜୀବନ ଚଳଣୀରେ ଗୁରୁତ୍ୱ ଓ ସ୍ୱତନ୍ତ୍ରତା ରଖିଛି। ତେବେ ଉପରୋକ୍ତ ବଡ଼ ବଡ଼ ଓ ଆଲୋଚ୍ୟ ତଥା ଐତିହ୍ୟପୂର୍ଣ୍ଣ ଘାଟ ବ୍ୟତୀତ ମଧୁପାଟଣା ଅଞ୍ଚଳରେ ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟରେ ଗୋଟିଏ ଛୋଟ ଘାଟ ରହିଛି। ଏହାପରେ କାଠଯୋଡ଼ି ନଦୀ କୂଳରେ ବୟାଳିଶୀ ମୌଜା ଘାଟଟି ମଧ୍ୟ ସ୍ଥାନୀୟ ଅଞ୍ଚଳର ଆବଶ୍ୟକତାକୁ ପୂରଣ କରିଥାଏ। ସେହିପରି ସତୀଚୌରା ନିକଟରେ ଡଗର ପଡ଼ା ଘାଟଟି ଅନ୍ୟ ତୁଳନାରେ ଛୋଟ ହୋଇଥିଲେ ମଧ୍ୟ ଏହି ଘାଟଟି ଅତ୍ୟନ୍ତ ବ୍ୟସ୍ତ ବହୁଳ। ଏହି ନଦୀ କୂଳ ଘାଟ କେବଳ ଉଜାଣି ନଦୀର ବୋହି ଯାଉଥିବା ପାଣିର କଥା କହିନଥାଏ। ଏହି ଘାଟରେ ସୁଖ ଦୁଃଖ, ପ୍ରେମ, ପ୍ରତାରଣା ଆଉ ଗୁଲିଖଟିର ଗମାତ ଭିତରେ ଅନେକ ସୃଷ୍ଟି ହୁଏ କାହାଣୀ, ବନ୍ଧୁତା, ଭଲ ପାଇବା। ଯେତେଦିନ ପର୍ଯ୍ୟନ୍ତ ମହାନଦୀ ଓ କାଠଯୋଡ଼ି ରହିଥିବ ସେତେଦିନ ପର୍ଯ୍ୟନ୍ତ ଏହି ଘାଟର ପରିଚିତ ଆବଶ୍ୟକତା ଓ ସ୍ମୃତି ନିଶ୍ଚିନ୍ତ ରହିବ ପ୍ରତିଟି କଟକିଆଙ୍କ ହୃଦୟ ଭିତରେ।

*ଶ୍ରୀବିହାର କଲୋନୀ, କଟକ,*
*ଦୂରଭାଷ : ୯୪୩୭୬୬୬୪୫୩*

# ଅସୁରକ୍ଷିତ ନାରୀ; ଦାୟୀ କିଏ



ଭାସ୍କର ବାରିକ୍

ଦେହର ରକ୍ତ ନିଗାଡି ନାରୀ ସନ୍ତାନ ଜନ୍ମ ଦିଏ, ନିଜ ଛାତିର ଅମୃତ ପିଆଇ ସନ୍ତାନକୁ ଲାଳନପାଳନ କରି ବଡ଼ କରେ, ନିଜ ପଣତ ଘୋଡ଼େଇ ପିଲାକୁ ଦିଏ ସୁରକ୍ଷା । ସନ୍ତାନର ଉନ୍ନତି ଓ ଭବିଷ୍ୟତ ପାଇଁ ସବୁବେଳେ ଉପରବାଲାଙ୍କୁ ଗୁହାରି କରୁଥାଏ । ନିଜ ପରିବାରର ସୁଖସମୃଦ୍ଧି ନିମିତ୍ତ ନାରୀ ନିଜ ଜୀବନକୁ ତିଳ ତିଳ କରି ଜାଳିଦେଇ ପାରେ । ଭୋଗ ଅପେକ୍ଷା ତ୍ୟାଗରେ ବୋଧହୁଏ ସେ ପାଏ ଜୀବନର ସବୁ ସୁଖଶାନ୍ତି । ଏତେ ତ୍ୟାଗପୂତ ଜୀବନ ପରେବି ସେ ଅସୁରକ୍ଷିତ କାହିଁକି ? ପାଶ୍ଚାତ୍ୟ ସଭ୍ୟତାରେ ନାରୀ ଉଗ୍ର ଆଧୁନିକା , ତା'ର ଅଛି ସଂପୂର୍ଣ୍ଣ ସ୍ୱାଧୀନତା । ଆଉ କେଉଁ ସଂସ୍କୃତିରେ ନାରୀର ସ୍ୱାଧୀନତା ବହୁ ପରିମାଣରେ ସଂକୁଚିତ । ପାଠପଢା, ଚାକିରୀ, ବାହାରକୁ ଯିବା ଉପରେ ଯାବତୀୟ କଟକଣା । ଉପରୋକ୍ତ ଏହି ସଭ୍ୟତା ଓ ସଂସ୍କୃତିରେ ନାରୀମାନଙ୍କୁ କେବେ ପୂଜନୀୟା ବୋଲି ବିବେଚନା କରାଯାଏ ନାହିଁ । କିନ୍ତୁ ଭାରତୀୟ ସଭ୍ୟତାରେ ନାରୀ ନାରାୟଣୀ ଭାବରେ ପୂଜିତ ଓ ସମ୍ମାନିତ । ବିଶ୍ୱର ଅନ୍ୟତମ ପୁରାତନ ସଭ୍ୟତା ଭାରତୀୟ ସଭ୍ୟତା ଓ ସଂସ୍କୃତିରେ ନାରୀର ସ୍ଥାନ ବହୁ ଉପରେ । ନାରୀକୁ ଦେବୀ ଭାବରେ ସମ୍ମାନ ଦିଆଯାଏ । ସମୟ ଥିଲା ଯେତେବେଳେ ସତୀ ପ୍ରଥା, ବାଲ୍ୟବିବାହ ପ୍ରଚଳିତ ଥିଲା । କିନ୍ତୁ ସମୟ ସହିତ ଏହି ସବୁ ଅରୁଚିକର ପ୍ରଥାର ବିଲୋପ ଘଟିଛି । ଆଜିର ନାରୀ ପକ୍ଷୀଟିଏ ପରି ମୁକ୍ତ ଆକାଶର ନିଳିମା ତଳେ ଡେଣା ଝାଡ଼ି ଉଡ଼ି ପାରୁଛି, ମାଛ ଭଳି ସମୁଦ୍ରର ଅଥଳ ଜଳରାଶିରେ ପହଁରି ପାରୁଛି । ସେ ଫାଇଟର ଜାହାଜ ଉଡେଇ ପାରୁଛି ଆକାଶରେ ପୁଣି ସମୁଦ୍ର ଭିତରେ ବୁଡା ଜାହାଜ ବି ଚଲେଇ ପାରୁଛି । ପୁରୁଷ ସହିତ ସମକକ୍ଷ ହୋଇ ପାରିଛି ସବୁ କ୍ଷେତ୍ରରେ । ବିଭିନ୍ନ ଖେଳ କସରତ,ଇଞ୍ଜିନିୟର , ଡାକ୍ତର, ପ୍ରଶାସନ, ରାଜନୀତି, ପୁଲିସ୍ ସେବା, ରେଳଗାଡ଼ି ଚଳେଇବା ,ଦେଶର ସୈନ୍ୟବାହିନୀରେ ସାମିଲ୍ ହୋଇ ଦେଶକୁ ସୁରକ୍ଷା ଦେବା ଇତ୍ୟାଦିରେ ନିଜର ପାରଦର୍ଶିତା ଦେଖାଇଛନ୍ତି ଅସଂଖ୍ୟ ନାରୀ ନିଜର ପରିବାରକୁ ସମ୍ଭାଳିବା ସହିତ । ନିଜର ବୃତ୍ତିଗତ ସଫଳତା ସହିତ ପରିବାର ଭିତରେ ଅପୂର୍ବ ସମନ୍ୱୟ ରଖି ନାରୀ ହୋଇଛି ପ୍ରଶଂସିତ ।

ଏତେ ଉନ୍ନତି ପ୍ରଗତି ପଥରେ ଆଗେଇଲା ପରେ ବି, ନାରୀ ଅସୁରକ୍ଷିତ । ବସ୍ ରେ, ଟ୍ରେନରେ, ଶିକ୍ଷାନୁଷ୍ଠାନରେ ,ନିଜର କର୍ମସଂସ୍ଥାନ ଜାଗାରେ, ରାସ୍ତାଘାଟରେ ତା'ର ସୁରକ୍ଷାକୁ ନେଇ ଚିନ୍ତିତ ବୁଦ୍ଧିଜୀବୀ ଗୋଷ୍ଠୀ, ଦେଶର ପ୍ରଶାସନିକ କଳ ଓ ନେତୃବୃନ୍ଦ । ତେବେ ମନରେ ପ୍ରଶ୍ନ ଉଠୁଛି ନାରୀର ସୁରକ୍ଷାକୁ ଅସୁରକ୍ଷିତ କରୁଛି କିଏ । ଦିଲ୍ଲୀର ନିର୍ଭୟା ଘଟଣା, ଉତ୍ତରପ୍ରଦେଶର ହାଥରସ୍ ଜିଲ୍ଲାରେ କୁକର୍ମ, ଓଡ଼ିଶାରେ ପରୀ, ବେବିନା,ମମିତା ଏମିତି ଅନେକ କଳଙ୍କିତ କୁତ୍ସିତ ଘଟଣା ଆଉ ଏବେ କଲିକତାରେ ଏକ ମେଡିକାଲରେ ଜଣେ ମହିଳା ଡାକ୍ତରଙ୍କୁ ଧର୍ଷଣ ଓ ନିର୍ମମ ହତ୍ୟା ପୁରା ଦେଶକୁ ଦୋହଲାଇ ଦେଇଛି । ଏଭଳି ଜଘନ୍ୟ ଦୁଷ୍କର୍ମ ଓ ହତ୍ୟା ମାମଲାରେ ଦୋଷୀ ଧରାହୁଏ, କୋର୍ଟରେ ବିଚାର ଚାଲେ ବର୍ଷ ବର୍ଷ ଧରି । ତଦନ୍ତ ଓ ବିଚାର ପ୍ରକ୍ରିୟା ସରୁସରୁ କେତେକ ଅପରାଧୀ ଇହଧାମ ଛାଡ଼ି ଚାଲି ଯାଇଥାନ୍ତି । ଆଉ ଯେଉଁ ଅପରାଧି ଜିଇଁ ରହିଥାନ୍ତି, ଆଇନ୍ ଅନୁଯାୟୀ ଦଣ୍ଡିତ ହୁଅନ୍ତି । କଲିକତାରେ ଘଟିଥିବା ଦୁଷ୍କର୍ମ ହତ୍ୟା ମାମଲାରେ ତ ଦୋଷୀକୁ ଘୋଡ଼େଇବା ପାଇଁ ସବୁ ପ୍ରକାରର ଉଦ୍ୟମ କରା ଯାଇଥିଲା ବୋଲି ଅଭିଯୋଗ ହୁଏ । ଏ ସମସ୍ତ ଘଟଣାବଳୀକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଜାଣିହୁଏ ଯେ ନାରୀ ଯଦି ଅସୁରକ୍ଷିତ, ସେଥିପାଇଁ ପୁରୁଷ ସମାଜ ଦାୟୀ । ପୁରୁଷ ପ୍ରାଧାନ୍ୟ ସମାଜରେ ନାରୀକୁ ସବୁବେଳେ ନୀଚ୍‌ଚ୍ ଭାବରେ ଦେଖିବାର ପୁରୁଷ ଭିତରେ ଥିବା ହୀନ ମାନସିକତା ଏଭଳି କୁକର୍ମ ପାଇଁ ଦାୟୀ । ଶାରୀରିକ ଗଠନ ଦୃଷ୍ଟିରୁ ବିଚାର କଲେ ଜଣେ ନାରୀ ଆଉଜଣେ ନାରୀକୁ ଧର୍ଷଣ କରି ପାରେନି । ହଁ , ଏକଥା ସତ,'କେରଳା ଷ୍ଟୋରି' ଚଳଚ୍ଚିତ୍ର ପରି କେତେକ କ୍ଷେତ୍ରରେ ଜଣେ ନାରୀ ଆଉଜଣେ ନାରୀକୁ ଧର୍ଷଣ ମୁହଁକୁ ଠେଲିଦେଇ ପାରେ ନିଜର କୁତ୍ସିତ ମାନସିକତା ଓ ବିକାର ଗ୍ରସ୍ତ ଚିନ୍ତାଧାରା ପାଇଁ । ଏ କ୍ଷେତ୍ରରେ ନାରୀ ହିଁ ନାରୀର ଶତ୍ରୁ । ଯେଉଁମାନେ ଏମିତି କରନ୍ତି, ସେମାନେ ନାରୀ ଜାତି ପାଇଁ ବିରାଟ କଳଙ୍କ । ଆଉ କେତେକ କ୍ଷେତ୍ରରେ ଦେଖାଯାଏ, ଦୁଷ୍କର୍ମ, ଧର୍ଷଣ ଭଳି କଳଙ୍କିତ ଘଟଣା ଘଟିବା ପରେ, ରାଜନୈତିକ ବୟାନ ବାଜି ଆରମ୍ଭ ହୁଏ । ଜାତି ଧର୍ମ ବର୍ଣ୍ଣକୁ ନେଇ ଚାଲେ କଥା କଟାକଟି ରାଜନୈତିକ ଫାଇଦା ହାସଲ ପାଇଁ । ଆମେ ମନେ ରଖିବା ଉଚିତ୍ ଯେ ଯେଉଁ ଝିଅଟି ଏହି ବର୍ବରତାର ଶିକାର ହୋଇଛି , ତା'ପ୍ରତି ଆମେ ସମ୍ବେଦନଶୀଳ ମନୋଭାବ ଦେଖେଇବା ବଦଳରେ ରାଜନୈତିକ ରଙ୍ଗ ଦେବା ଆଦୋ ? ଯଥାର୍ଥ କି ଗ୍ରହଣୀୟ ନୁହେଁ । ଯେଉଁ ମାତୃଶକ୍ତି ଆମକୁ ଦୁନିଆର ଆଲୋକ ଦେଖେଇ ବଡ଼ କରେ, ଆମ ଭିତରୁ କିଛି ବଡ଼ ହେଲା ପରେ ସେହି ମାତୃଜାତିକୁ ପାପ,ଲୋଲୁପ ଦୃଷ୍ଟିରେ ଦେଖନ୍ତି ସତେ ଯେମିତି ନାରୀ କେବଳ ଉପଭୋଗ୍ୟର ବସ୍ତୁ ସେମାନଙ୍କ ନଜରରେ । ବୟସ ହେଲେ ସବୁ ପୁରୁଷ ବିବାହ କରନ୍ତି ,ଦେହ ସୁଖ ଓ ବଂଶ ରକ୍ଷା ପାଇଁ । ଆଜିକାଲି ବଂଶ ରକ୍ଷା ଅପେକ୍ଷା ଦେହ ସୁଖ ଉପରେ ଅଧିକ ଗୁରୁତ୍ୱ ଥିଲା ଭଳି ମନେହୁଏ । ଯଦି ଦେହ ସୁଖ ଏତେ ଦରକାର, ତାହେଲେ ବେଶ୍ୟାଳୟକୁ ଯାଇ ନିଜର ଆଦିମ କ୍ଷୁଧାକୁ ମେଣ୍ଟାଇବାରେ କିଛି ଅସୁବିଧା ନାହିଁ । ଆଉ ବିବାହିତ ପୁରୁଷମାନେ, ଜଣେ ନାରୀକୁ ନେଇ ଯଦି ତୁମେ ସନ୍ତୁଷ୍ଟ ହୋଇ ପାରୁନ, ତାହେଲେ, ତୁମେ ବି ବେଶ୍ୟାଳୟ ଯାଅ । କିନ୍ତୁ ସବୁ ନାରୀଙ୍କୁ ନିଜର ସ୍ତ୍ରୀ ନଜରରେ ଦେଖିବା ଅର୍ଥ ପାପ । ତୁମରି ପରି କେତେଜଣ ପାଗଳ କୁକୁର ମାନଙ୍କ ପାଇଁ ସମଗ୍ର ପୁରୁଷ ସମାଜ ବଦନାମ କାହିଁକି ହେବ । କେହି କେହି ଯୁକ୍ତି କରନ୍ତି, ଆଧୁନିକ ନାରୀର ଉତ୍ତ ?ଜିତ କଲାଭଳି ଅତ୍ୟାଧୁନିକ ବେଶପୋଷାକ ଧର୍ଷଣ ଭଳି ଅପରାଧ ପାଇଁ ଦାୟୀ । ଯେଉଁମାନେ ଏମିତି ଯୁକ୍ତି କରନ୍ତି, ସେମାନଙ୍କୁ ମୋର ଗୋଟେ ପ୍ରଶ୍ନ, କଲିକତାର ଆର ଜି କର ହସ୍ପିଟାଲର ପୋଷ୍ଟ ଗ୍ରାଜୁଏସନର ଦ୍ୱିତୀୟ ବର୍ଷର ଛାତ୍ରୀ ମଉମିତା ଦେବନାଥ କ'ଣ ଉତ୍ତ ?ଜିତ କଲାଭଳି ପୋଷାକ ପିନ୍ଧି ମେଡିକାଲରେ ପାଠ ପଢୁଥିଲେ ଓ ରୋଗୀ ସେବା କରୁଥିଲେ ? ପରି ଛୋଟିଆ ସରଳ ନିଷ୍ପାପ ପିଲାଟେ ଥିଲା , ବେବିନା ଓ ମମିତା ଗାଉଁଲି ଝିଅ ଥିଲେ । ନିର୍ଭୟା ନିଜର ପୁରୁଷ ବନ୍ଧୁଙ୍କ ସହିତ ରାତିରେ ଫେରୁଥିଲା । ଏମାନେ କ'ଣ ସମସ୍ତେ ପୁରୁଷକୁ ଆକର୍ଷିତ କରିଥିଲେ ନିଜର ଉତ୍ତ ?ଜିତ ପୋଷାକ ଦ୍ୱାରା ନା ବାରବଧୂ ଭଳି ଅର୍ଦ୍ଧ ଉଲଗ୍ନ ପୋଷାକ ପିନ୍ଧି ଗରାଖକୁ ଅପେକ୍ଷା କରିଥିଲେ ରାସ୍ତା କଡ଼ରେ ? ମହାତ୍ମାଗାନ୍ଧୀ କୁଆଡେ କହିଥିଲେ ଯେଉଁଦିନ ରାତିର ଘନ ଅନ୍ଧାରରେ ଜଣେ ନାରୀ ଏକୁଟିଆ ରାଜରାସ୍ତାରେ ବିନା ଡରରେ ଚାଲି ଚାଲି ଯାଇ ପାରିବ, ସେହିଦିନ ଭାରତ ପ୍ରକୃତରେ ସ୍ୱାଧୀନତା ପାଇଛି ବୋଲି ବିବେଚନା କରାଯିବ । ଗାନ୍ଧିଜୀଙ୍କ ଏହି କଥା ଏବେ କେତେଦୂର ସତ ହେଇଛି, ସେକଥା ପାଠକ ଈଶ୍ୱର ବିଚାର କରିବେ । ଆମେ ପାଠରେ, ବିଜ୍ଞାନରେ, ଟେକ୍ନୋଲୋଜିରେ ବହୁତ ଆଗେଇଛୁ କିନ୍ତୁ ଆମ ମାନସିକତାରେ ବୋଧହୁଏ ସେତେଟା ମାର୍ଜିତ ହେଇ ପାରିନୁ । ଜଙ୍ଗଲ ସଭ୍ୟତାରୁ ମଣିଷର ସୃଷ୍ଟି ଯେହେତୁ, ସେଥିପାଇଁ କିଛି ଲୋକଙ୍କର ସେହି ଜଙ୍ଗଲି ପ୍ରକୃତି ବୋଧହୁଏ ମନକୁ ଚାଲି ଆସୁଛି । ଛିଃ ଛିଃ....

ନାରୀର ସୁରକ୍ଷା ଉପରେ କେତେ କେତେ ଆଇନ୍ ତିଆରି ହେଉଛି । ଖବରକାଗଜରେ କେତେ କଥା ଲେଖା ଯାଉଛି । ଟିଭି ପରଦାରେ ଲମ୍ବା ଭାଷଣ ଓ ଡିବେଟ୍ ନାରୀର ସୁରକ୍ଷାକୁ ନେଇ । ଏସବୁର ପ୍ରଭାବ ନାହିଁ ବୋଲି କୁହାଯାଇ ପାରିବ ନାହିଁ । ପ୍ରଭାବ ନିଶ୍ଚିତ ଅଛି । କିନ୍ତୁ ଏହିସବୁ ଆଇନ୍, ଲେଖା ଓ ଡିବେଟର ଯେତିକି ପ୍ରଭାବ ଅଛି, ତାଠାରୁ ଅଧିକ ଫଳପ୍ରଦ ହେବ କଠୋରତମ ଦଣ୍ଡ ବ୍ୟବସ୍ଥା । ସେ ପୁରୁଷ ହେଉ କି ତା'ର ସହଯୋଗୀ ନାରୀ ହେଉ, ଯେଉଁମାନେ ଜାଣିଶୁଣି ପଶୁ ପ୍ରବୃତ୍ତିକୁ ପାଥେୟ କରି ଜଣେ ନାରୀର ଜୀବନକୁ ନର୍କକୁଣ୍ଡରେ ପରିଣତ କରୁଛନ୍ତି, ଜିଇଁଥାଉ ଥାଉ ତାକୁ ତିଳତିଳ କରି ଜାଳିଜାଳି ମାରୁଛନ୍ତି, ସେମାନଙ୍କର ଏ ଧରିତ୍ରୀ ବକ୍ଷରେ ବଂଚି ରହିବାର ଆବଶ୍ୟକତା କ'ଣ ଅଛି ? ଏଭଳି ପଶୁ ଯେତେଦିନ ବଂଚି ରହିବେ, ସମାଜ ସେତେ ଅଧିକ କଳୁଷିତ ହେବ । ସଭ୍ୟ ସମାଜରେ ରହି ଏତେ ଅସାମାଜିକ, ଅମଣିଷ ହେବା ଆଦୋ? ଗ୍ରହଣୀୟ ନୁହେଁ । ଭୁଲ୍ ର କ୍ଷମା ଅଛି କିନ୍ତୁ ଦୁଷ୍କର୍ମ ଭଳି ପାପର କ୍ଷମା ନାହିଁ । ଶେଷରେ ଏତିକି କହିବି, ଆମେ ସମସ୍ତେ ନିଜ ନିଜର ବିବେକକୁ ନିରୋଳାରେ ଥରୁଟିଏ ପଚାରିବା, ନାରୀର ଦୁଷ୍କର୍ମ , ଧର୍ଷଣ ହତ୍ୟା ଭଳି ଜଘନ୍ୟ ଅପରାଧ ପାଇଁ ବାସ୍ତବରେ ଯିଏ ଦାୟୀ, ସେ ମଣିଷ ନା ପଶୁ ???

*ବାସୁଦେବପୁର, ଭଦ୍ରକ*
*ଦୂରଭାଷ ୯୪୩୭୩୨୦୩୫୦*




# ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିଲିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା ।

# ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

କେନ୍ଦ୍ରାପଡା (ପିଏନ)- ଜନଶକ୍ତି ପାର୍ଟି ପକ୍ଷରୁ କରୋନା ମହାମାରୀ ସମୟରେ ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ଥ ହୋଇ ପଡିଥିବା ଅଭିଯୋଗ କରାଯାଇଛି । ଉଦାହରଣ ସ୍ବରୁପ କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ୬୨ ଟି ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୨୩ ଜଣ ଡାକ୍ତର ଅଛନ୍ତି । ଅନେକ ସମୟରେ ଡାକ୍ତରମାନେ ବେସରକାରୀ ଭାବେ ଚିକିତ୍ସା କରୁଥିବାରୁ ଗରିବ ଅସହାୟ ଲୋକ ମାନଙ୍କୁ ପ୍ରକୃତ ଚିକିତ୍ସା କରାନଯାଇ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଉଛି । ଗରିବ ଲୋକଟି ଆମ୍ବୁଲାନସ ସୁବିଧାରୁ ମଧ୍ୟ ବଂଚିତ ହେଉଛି । ସେହିପରି କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ପର୍ଯ୍ୟାପ୍ତ ସଂଖ୍ୟକ ବେଡ ନାହିଁ ଏବଂ ଯାହା କିଛି ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୁରୁଣା ଓ ନଷ୍ଟ ହୋଇ ଯାଇଛି । ୨.୯୦ କି.ମି ବାଟ ଟ୍ରଲିରେ ବୁହା ହୋଇ ଆସିଥିବା ଅସହାୟ ମହିଳାଙ୍କ ମୃତ୍ୟୁର ପ୍ରକୃତ ତଦନ୍ତ କରାଗଲେ ଓଡିଶାରେ ସ୍ୱାସ୍ଥ୍ୟସେବାର ପ୍ରକୃତ ଚିତ୍ର ପଦାକୁ ଆସିପାରିବ । ସେହି ପରିବାରର ଜଣଙ୍କୁ ସରକାରୀ ଚାକିରୀ ପ୍ରଦାନ କରାଯାଉ । ଓଡିଶାରେ ବିଭିନ୍ନ ଖାଉଟି ସାମଗ୍ରୀ ଓ ପନିପରିବାର ଅହେତୁକ ଦର ବୃଦ୍ଧି ଜନ ସମାଜକୁ ବ୍ୟଥିତ କରୁଛି । ଏହାର ନିରାକରଣ ନିମନ୍ତେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜନଶକ୍ତି ପାର୍ଟି ପକ୍ଷରୁ ଦାବୀ କରାଯାଇଛି । ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଡଭୋକେଟ ପ୍ରଦୀପ କୁମାର ଦାଶ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସହକାରୀ ଜିଲ୍ଲାପାଳ ଶିବ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି ।

# ଚୋରୀ ମାମଲାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ଉଠାଇନେଇଛି

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ସହରର ସଟରତାଡି ଚୋରୀ କରିବା ଓ ମହିଳା ବିଜେଡି ସଭାନେତ୍ରୀଙ୍କ ଘରୁ ଝରକା ରେଲିଂ ତାଡି ଚୋରୀ କରିବା ଘଟଣାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ସନ୍ଦେହରେ ଉଠାଇ ନେଇ କୌଣସି ଏକ ଅଜଣା ସ୍ଥାନରେ ରଖି ପଚରାଉଚୁରା କରୁଥିବା ଜଣାପଡିଛି । ପୋଲିସ ଉଠାଇ ନେଇଥିବା ସଂପୃକ୍ତ ବ୍ୟକ୍ତି ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ରଣପଡା ଗ୍ରାମର ସେକ ବାବୁ ।

# ଓଡ଼ିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂସ୍କାର ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, (ପିଏନ)- ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂସ୍କାର ଆଣିବା ନିମନ୍ତେ ଗତ ସେପ୍ଟେମ୍ବର ୪ରେ ପ୍ରକାଶିତ ଅଧାଦେଶ ସଂଖ୍ୟା ୮୨୧୯-ଆଇ-ଲେଗିସି- ୩୫/ ୨୦୨୦/ ଏଲକୁ ବିରୋଧ କରି ମୟୂରଭଞ୍ଜ ସିଟିଜେନ ଫୋରମ୍, ମୟୂରଭଞ୍ଜ ସାହିତ୍ୟ ପରିଷଦ ପ୍ରମୁଖ ସଙ୍ଗଠନ ସହ ଜିଲ୍ଲାର ବୁଦ୍ଧିଜୀବୀଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶିତ ଅଧାଦେଶ ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ଏଣିକି ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତିଙ୍କ ଅଧକ୍ଷତାରେ ନହୋଇ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା କରାଯିବ । ଯାହାକୁ ନେଇ ବିବାଦ ଦେଖାଦେଇଛି । ବିଶ୍ୱବିଦ୍ୟାଳୟ ଏକ ସ୍ୱୟଂଚାଳିତ ଶିକ୍ଷା ଅନୁଷ୍ଠାନ । ଉହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହଯୋଗରେ ପରିଚାଳିତ ହୋଇଥାଏ । ଏହାର ଆସିଷ୍ଟାଂଟ ପ୍ରଫେସର, ଆସୋସିଏଟ ପ୍ରଫେସର, ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଭାରତ ସରକାରଙ୍କ ସ୍ୱତନ୍ତ୍ର ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିର୍ଦ୍ଦିଷ୍ଟ ନୀତି, ମାର୍ଗଦର୍ଶୀକା ଅନୁଯାୟୀ ହୋଇଥାଏ । ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ଚାକିରୀରୁ ଅବସର, ପଦୋନ୍ନତି, ପରିତ୍ୟାଗ, ବୀଦେଶ ଗମନ, ଅନ୍ୟ ବିଶ୍ୱବିଦ୍ୟାଳୟରେ ଯୋଗଦାନ ଆଦି କାରଣରୁ ପ୍ରତ୍ୟେକ ବର୍ଷ ବହୁ ପଦବୀ ଖାଲିପଡ଼ିଥାଏ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନୀତି ଓ ମାର୍ଗଦର୍ଶୀକା ଅନୁଯାୟୀ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଅଧକ୍ଷତାରେ ପରିଚାଳିତ ଶିକ୍ଷକ ନିଯୁକ୍ତି ଚୟନ କମିଟି ତତ୍କାଳ ଏହାର ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ବାତାବରଣକୁ ରକ୍ଷା କରିପାରିଥାଏ । ବିଶ୍ୱବିଦ୍ୟାଳୟ ସମାଜର ସର୍ବୋଚ୍ଚ ସମ୍ମାନୀୟ ଜ୍ଞାନ ଓ ଗବେଷଣାର ପବିତ୍ର କ୍ଷେତ୍ର ହୋଇଥିବା ସମୟରେ କୁଳପତି ମଧ ସର୍ବୋଚ୍ଚ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପବ୍ଲିକ ସାର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ହେଲେ ଖୋଲା ଖୋଲି ଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ନୀତି ଓ ମାର୍ଗଦର୍ଶୀକାକୁ ଉଲ୍ଲଙ୍ଘନ କରାଇବ । ପୁଣି ଓପିଏସସି ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ଅସମ୍ଭବ ଅଟେ । ଫଳରେ ଶିକ୍ଷକ ଅଭାବ ଜନିତ ପରିସ୍ଥିତି ହେତୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟିହେବା ସାଙ୍ଗକୁ ଅଶାନ୍ତ ବାତାବରଣର କାରଣ ପାଲଟି ଯିବ । ପୁଣି କୁଳପତି ପରି ସର୍ବୋଚ୍ଚ ପଦବୀର ଅମର୍ଯ୍ୟାଦା ହୋଇ ତାହା ପ୍ରଶାସନ ଓ ଅମଲାତନ୍ତ୍ରର ଖେଳନା ହୋଇଯିବ । ଏଥି ସହିତ ବିଶ୍ୱବିଦ୍ୟାଳୟର ଚରମ ଅଧୋଗତି ହେବ ବୋଲି ଦର୍ଶାଇ ମୟୁରଭଞ୍ଜ ସିଟିଜେନ ଫୋରମ ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ଓଡ଼ିଆ ଜାଗରଣ ମଂଚର ସଭାପତି ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସ୍ୱାକ୍ଷର ସମ୍ୱଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ବେଳେ ଏହାର ନକଲ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚେୟାରମ୍ୟାନ ଓ ସେକ୍ରେଟେରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ, ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି ।

# ବିଜୁଳି ଓ ରାସ୍ତାରୁ ବଂଚିତ ଚନ୍ଦନପୁର ଜେନାସାହି ଗ୍ରାମବାସୀ

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଚେତାବନୀ

କେନ୍ଦ୍ରାପଡା, (ପିଏନ)- ସ୍ୱାଧିନତାର ୭୪ ବର୍ଷ ପରେ ମଧ ଗ୍ରାମବାସୀ ମାନେ ଗାଁକୁ ଯିବାକୁ ରାସ୍ତା ପାଉ ନଥିବା ବେଳେ ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନା ସାତ ସପନ ହୋଇ ରହିଛି । ରାସ୍ତା ନଥିବାରୁ ବର୍ଷ ସାରା ପାଣି କାଦୁଅରେ ପଶି ବିଲ ଭିତରେ ନିଜ ଘରକୁ ଯାଉଥିବା ଭଳି ଏକ ବାସ୍ତବ ଚିତ୍ର କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ପଂଚାୟତର ଚନ୍ଦନପୁର ଗ୍ରାମର ଜେନାସାହିରେ ଦେଖିବାକୁ ମିଳୁଛି । ଚନ୍ଦନପୁର ଗ୍ରାମର ପଡା ଗ୍ରାମରେ ରହୁଥିବା ପ୍ରାୟ ୨୦ଟି ପରିବାର ରାସ୍ତା ଓ ଆଲୋକ ପାଇଁ ଅଭିଶପ୍ତ ଜୀବନ ବିତାଉଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । କେନ୍ଦ୍ରାପଡା ଟାଉନରୁ ମାତ୍ର ୭ କିମି ଦୂରରେ ଅବସ୍ଥିତ ଏହି ଗ୍ରାମର ଅବସ୍ଥା ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ନିର୍ବାଚନ ସମୟରେ ଭୋଟ୍ ପାଇଁ ପ୍ରଚାର କରିବାକୁ ଆସୁଥିବା ନେତା ମାନେ ରାସ୍ତା ଏବଂ ଆଲୁଅ ଯୋଗାଇ ଦେବା ପାଇଁ ପ୍ରତିଥର ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଉଥିଲେ ମଧ ଏପର୍ଯ୍ୟନ୍ତ ତାହା ପାଣିର ଗାର ହୋଇ ରହିଛି । ସ୍ଥାନୀୟ ସରପଂଚ ପ୍ରଦ୍ୟୁମ୍ନ ଜେନା ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଉଦ୍ୟମ କରିଥିଲେ ମଧ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗର ଅସହଯୋଗ କାରଣରୁ ସ୍ଥାନୀୟ ବାସିନ୍ଦା ଦହଗଞ୍ଜ ଭୋଗୁଥିବା ଜଣାପଡିଛି । ଏହି ଗ୍ରାମରେ ରହୁଥିବା ପ୍ରାୟ ୨୦ ଘର ଦଳିତ ସଂପ୍ରଦାୟର ପରିବାର ନିଜର ମୌଳିକ ସୁବିଧା ପାଇବା ପାଇଁ ଆପତି ଅଭିଯୋଗ କଲେ ମଧ କେହି ଶୁଣିବାକୁ ନାହାନ୍ତି । ନିର୍ବାଚିତ ପ୍ରତିନିଧି ମାନେ ଭୋଟ୍ ପାଇବା ପରେ ଦ୍ୱିତୀୟ ଥର ପାଇଁ ଗାଁ ଭିତରେ ପାଦ ପକାଉ ନଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏହି ଗ୍ରାମବାସୀ ମାନଙ୍କୁ ଯାତାୟତ ପାଇଁ ରାସ୍ତା, ଆଲୋକ ଓ ପାନୀୟ ଜଳ ଯଥା ଶିଘ୍ର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆ ନଗଲେ ଏହି ଦଳିତ ସଂପ୍ରଦାୟର ବ୍ୟକ୍ତିମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।

# ଅଚ୍ୟୁତ ସାମନ୍ତଙ୍କୁ ୬୦ତମ ସମ୍ମାନସୂଚକ ଡକ୍ଟୋରେଟ୍




ଭୁବନେଶ୍ୱର,(ପି.ଏନ): ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଆସାମ ଡାଉନ୍ ଟାଉନ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟୋରେଟ୍ ପ୍ରଦାନ କରାଯାଇଛି । ବୁଧବାର ଗୁଆହାଟିସ୍ଥିତ ଆସାମ ଡାଉନ୍ ଟାଉନ ବିଶ୍ୱବିଦ୍ୟାଳୟର ଏକାଦଶ ସମାବର୍ତ୍ତନ ସମାରୋହ ଅବସରରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ମୁଖ୍ୟ ଅତିଥି ଆସାମ ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟ ଓ ସମ୍ମାନୀୟ ଅତିଥି ଆସାମ ଜନସ୍ୱାସ୍ଥ୍ୟ, ନିଯୁକ୍ତି, ପର୍ଯ୍ୟଟନ ଓ ଦକ୍ଷତା ବିଭାଗ ମନ୍ତ୍ରୀ ଜୟନ୍ତ ବରୁଆ ପ୍ରମୁଖଙ୍କ ଉପସ୍ଥିତିରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା । ଏହା ହେଉଛି ଅଚ୍ୟୁତ ସାମନ୍ତଙ୍କ ୬୦ତମ ସମ୍ମାନସୂଚକ ଡକ୍ଟୋରେଟ୍ । ଶିକ୍ଷା, ସ୍ୱାସ୍ଥ୍ୟ, ଜନଜାତି ବିକାଶ, କଳା, ସଂସ୍କୃତି, ସାହିତ୍ୟ ଓ ଗ୍ରାମାଞ୍ଚଳ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି । ଶ୍ରୀ ସାମନ୍ତ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ନ ପାରିବାରୁ ତାଙ୍କ ପ୍ରତିନିଧି ଏହି ସମ୍ମାନ ଗ୍ରହଣ କରିଥିଲେ । ଏହି ସମ୍ମାନ ନିମନ୍ତେ ଶ୍ରୀ ସାମନ୍ତ ଆସାମ ଡାଉନ୍ ଟାଉନ୍ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଏକ ଭିଡ଼ିଓ ବାର୍ତ୍ତା ଜରିଆରେ କୃତଜ୍ଞତା ଜଣାଇଛନ୍ତି । ଏହା ପୂର୍ବରୁ ସମାଜସେବା ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ବିଶ୍ୱର ବିଭିନ୍ନ ଦେଶର ବହୁ ସମ୍ମାନଜନକ ବିଶ୍ୱବିଦ୍ୟାଳୟ ଓ ପ୍ରତିଷ୍ଠିତ ଅନୁଷ୍ଠାନ ପକ୍ଷରୁ ଶ୍ରୀ ସାମନ୍ତଙ୍କୁ ସମ୍ମାନସୂଚକ ଡ଼କ୍ଟୋରେଟ୍ ଡ଼ିଗ୍ରୀ ପ୍ରଦାନ କରାଯାଇଛି । ୨୦୦୯ରେ ଶ୍ରୀ ସାମନ୍ତ ପ୍ରଥମେ କାମ୍ବୋଡ଼ିଆ ନ୍ୟାସ୍‌ନାଲ୍ ୟୁନିଭରସିଟିରୁ ସମ୍ମାନସୂଚକ ଡକ୍ଟୋରେଟ୍ ପାଇଥିଲେ । ବର୍ତ୍ତମାନ ସୁଦ୍ଧା ସେ ଦେଶ ବିଦେଶର ବହୁ ବିଶ୍ୱବିଦ୍ୟାଳୟରୁ ୬୦ଟି ସମ୍ମାନସୂଚକ ଡକ୍ଟୋରେଟ୍ ପାଇ ସାରିଲେଣି ।

**OFFICE OF THE MUNICIPAL COUNCIL, TALCHER**
**DIST :- ANGUL, PIN-759107**

Phone No.- (06760) 240259 E-Mail ID

No. 2573 / Dt. 24/9/24

**SHORT TENDER CALL NOTICE**

Sealed Tenders are invited in percentage rate bid system conformity with detail tender call notice to the following works from the registered contractors of Talcher Municipality. The Tender Paper sale & receipt will be during the office hour on payment of paper cost (non-refundable) as indicated against each work from **dt. 24-09-2024 to dt. 03-10-2024 upto 01:00 PM** and will be opened same day **at 03:00 PM** in the presence of tenderer or their authorized agent. EMD shall be made in shape of NSC / BD / KVP / Fix Deposits duly pledged in favour of the Executive Officer Talcher Municipality @ 1% of the estimated amount. The original EMD, Money Receipt of Tender Paper Cost shall be attached with the tender paper, failing which the tender shall not be taken into consideration. The copy of upto date contractor incense, GSTIN certificate or affidavit, ITCC must be submitted with the tender paper and the original should be produced at the time of opening the tender paper. The tenders are requested to drop the sealed tender document in the tender box available in the office chamber of the Executive Officer, Talcher Municipality. The receipt of tender document beyond the schedule date of time / postal delay will not be entertained.

The authority reserves the right to reject any or all the tenders without any reason thereof.

| Sl. No. | Name of the Work | Estimated Cost (Rs.) | Cost of EMD (1%) | T.P. Cost | Class of Contractor | Period of Completion |
|---|---|---|---|---|---|---|
| 1 | Construction of Moorum road at I.T.I. Chhaka in W.No.-20. | 56,000 | 560 | 400 | Municipal Contractor | Fifteen Days |
| 2 | Excavation of Temporary Tank / Pond at W.No.-16 for immersion of idols of Load Ganesh for the year 2024. | 1,99,200 | 1,992 | 600 | Municipal Contractor | Fifteen Days |
| 3 | Supplying & laying of metal sub-base at Naba Mishra Colony in W.No.-13. | 1,99,600 | 1,996 | 600 | Municipal Contractor | Fifteen Days |
| 4 | Desilting of Drain at New Balanda Colony at Handidhua Village in W.No.-19 | 1,80,200 | 1,802 | 600 | Municipal Contractor | Fifteen Days |
| 5 | Desilting of drain back side of Brahman Sasan at Sardar Sahi in W.No.-02 | 1,82,700 | 1,827 | 600 | Municipal Contractor | Fifteen Days |
| 6 | Desilting of drain at Paika Sahi towards Amalapada Road in W.No-03 | 1,87,200 | 1,872 | 600 | Municipal Contractor | Fifteen Days |
| 7 | Desilting of drain from Dama Sahi Chhaka towards Bada Bazar in W.No-05 | 1,74,300 | 1,743 | 600 | Municipal Contractor | Fifteen Days |

Executive Officer
Talcher Municipality

MAHARISHI PUBLIC SCHOOL



2024-2025
ADMISSION OPEN
Maharishi Public School, Baripada

STD-NURSERY TO VIII
ENROLL YOUR CHILD TODAY

Special discount for new admission before 15.03.2024

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

ପର୍ଯ୍ୟବେକ୍ଷକ



# ଜିଲ୍ଲାସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ-୨୦୨୪ ଅନୁଷ୍ଠିତ

ଭବାନୀପାଟଣା,(ପି.ଏନ): ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପଡିଆରେ କଳାହାଣ୍ଡି ଜିଲ୍ଲା ସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର ଅଧ୍ୟକ୍ଷତା କରିଥିବା ବେଳେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, କଳାହାଣ୍ଡି ଜିଲ୍ଲାପାଳ ସଚ୍ଚିନ ପାୱାର ପ୍ରକାଶ, ଭବାନୀପାଟଣା ଭାରପ୍ରାପ୍ତ ଉପ ଜିଲ୍ଲାପାଳ ଜୟଦେବ ଦାଶ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବୀରେନ୍ଦ୍ର କହଁର, କଳାହାଣ୍ଡି ସାଂସଦ ପ୍ରତିନିଧି ଜୟଶଙ୍କର ନାଏକ, ଭବାନୀପାଟଣା ବ୍ଲକ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପବିତ୍ର ଗୁରୁଦିବସ ପାଳନ ର ତାତ୍ପର୍ଯ୍ୟ ଉପରେ ଉଲ୍ଲେଖ କରି ଗୁରୁ ଶିଷ୍ୟ ର ପବିତ୍ର ସମ୍ପର୍କ ର ପରମ୍ପରା କୁ ବଜାଇ ରଖିବା ସହିତ ଛାତ୍ରଛାତ୍ରୀ ମାନେ ଭଲ ପାଠ ପଢି ଭଲ ମଣିଷ ହେବା ସହିତ ସେବା



ମନୋଭାବ ନେଇ ସମସ୍ତେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଗତ ଦଶମ ଶ୍ରେଣୀ ପରୀକ୍ଷାରେ ଜିଲ୍ଲାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୧୧୭ଜଣ ଛାତ୍ରଛାତ୍ରୀଙ୍କୁ ଡିଷ୍ଟ୍ରିକ୍ଟ ଏକାଡେମିକ୍ ଏୱାର୍ଡ ସ୍ୱରୂପ ୧୦ହଜାର ଟଙ୍କାର ପୁରସ୍କାର ରାଶି ହିସାବରେ ମୋଟ ୧୧ଲକ୍ଷ ୭୦ହଜାର ଟଙ୍କା, ସମସ୍ତ ବ୍ଲକରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୧୩୧୮ଜଣ ଛାତ୍ରଛାତ୍ରୀଙ୍କୁ ବ୍ଲକ ଏକାଡେମିକ୍ ଏୱାର୍ଡ ସ୍ୱରୂପ ୫ହଜାର ଟଙ୍କାର ପୁରସ୍କାର ରାଶି ହିସାବରେ ମୋଟ ୬୫ଲକ୍ଷ ୯୦ହଜାର ଟଙ୍କା, ଓଡ଼ିଆ ବିଷୟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୪୫ଜଣ ଛାତ୍ରଛାତ୍ରୀଙ୍କୁ ଓଡିଆ ଭାଷା ବୃତ୍ତି ସ୍ୱରୂପ ୭ହଜାର ୫ଶହ ଟଙ୍କା ହିସାବରେ ମୋଟ ୩ଲକ୍ଷ ୩୭ହଜାର ୫ଶହ ଟଙ୍କା ପ୍ରଦାନ କରାଯାଇଥିଲା। ସମସ୍ତ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ମଧ୍ୟ ଦିଆଯାଇଥିଲା। ଜିଲ୍ଲାର ଅବସରପ୍ରାପ୍ତ କୃତୀ ଶିକ୍ଷକ ଓ ପ୍ରଧାନଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ଡିଲେଶ୍ୱର ରଣା, ଶିକ୍ଷୟତ୍ରୀ ଶ୍ରୁତି ସିଲଭା ପଣ୍ଡା, ବର୍ଷାରାଣୀ ତ୍ରିପାଠୀ। ଧନ୍ୟବାଦ ଅର୍ପଣ କରିଥିଲେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ। ପରେ ପରେ ଭୁବନେଶ୍ୱର ଲୋକସେବା ଭବନରୁ ରାଜ୍ୟ ସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହର ସିଧା ପ୍ରସାରଣ ପ୍ରଦର୍ଶନ କରାଯାଇଥିଲା। ମୋ ସ୍କୁଲ ସଂଯୋଜକ ପ୍ରଶାନ୍ତ କୁମାର ନନ୍ଦ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ସଂଯୋଜକ ବୀରେନ୍ଦ୍ର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏଥିରେ ୧୩ଟି ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଡିଇଓ ଓ ଡିପିସି ଅଫିସର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ମୈତ୍ରୀ କମ୍ପାନିର ସପକ୍ଷରେ କହି ବିଡିଓ ହଟହଟା

ଭବାନୀପାଟଣା,(ପି.ଏନ); କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ସିଜିମାଳି ଖଣି ଖନନରେ ପ୍ରଭାବିତ ହେବାକୁ ଥିବା ନାକରୁଣ୍ଡି, କୁଟ୍ରୁମାଳି ଓ କେରପାଇ ପଞ୍ଚାୟତବାସୀଙ୍କ ବିରୋଧ ଏବେବି ଜାରି ରହିଛି। ବିକାଶ ନାଁରେ ଭିଟାମାଟିରୁ ହଟଇବା ପାଇଁ କମ୍ପାନି ହୀନ ଚକ୍ରାନ୍ତ କରୁଛି। ବାରମ୍ବାର ସ୍ଥାନୀୟ ଅଧିବାସୀଙ୍କୁ ମିଥ୍ୟା ମାମଲାରେ ଫସାଇ ନିର୍ଯାତନା ଦେଉଛି ବୋଲି ପ୍ରଭାବିତ ଗ୍ରାମବାସୀ ଅଭିଯୋଗ କରିଆସିଛନ୍ତି। ଆମ ଜଙ୍ଗଲ, ଜମି, ଜଳ କୌଣସି ମତେ କମ୍ପାନିକୁ ଲୁଟିବାକୁ ଦିଆଯିବ ନାହିଁ ବୋଲି ଶପଥ ନେଇଛନ୍ତି। ତେବେ ସୋମବାର ଥୁଆମୂଳ ରାମପୁର ବିଡିଓ ଧ୍ରୁବ ଚରଣ ମୁଦୁଲି ନାକରୁଣ୍ଡି ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିରରେ ଯୋଗଦେବାକୁ ପହଞ୍ଚିଥିଲେ। ସେଠାରେ ୩ଟି ପଞ୍ଚାୟତବାସୀ ପ୍ରବଳ ବିରୋଧ କରିବା ସହ ଦୀର୍ଘ ଦେଢ଼ଘଣ୍ଟା ଧରି ତାଙ୍କୁ ଗାଡ଼ି ଭିତରେ ଅଟକ ରଖିଥିଲେ। ପରେ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପରେ ବିଡିଓ ମୁକୁଳିଥିଲେ। ସୂଚନାନୁସାରେ କିଛିଦିନ ତଳେ ଥୁଆମୂଳ ରାମପୁର ବିଡିଓ ଶ୍ରୀ ମୁଦୁଲି କୁଟ୍ରୁମାଳି ଓ କେରପାଇ ଗାଁ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ କହିଥିଲେ। ସେମାନଙ୍କୁ ଗୁଣପୁର ପଞ୍ଚାୟତ ସାନଭଟାରେ ଥଇଥାନ କରା ?ଯିବବୋଲି ସେ କହିଥିଲେ। ଯାହାକୁ ନେଇ ପ୍ରଭାବିତ ୩ ପଞ୍ଚାୟତର ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଆଜି ବିଡିଓ ଜନଶୁଣାଣିରେ ପହଞ୍ଚିବାରୁ ୩ ପଞ୍ଚାୟତବାସୀ ବିରୋଧ କରିଥିଲେ। ସେଠାରେ ଚାପାଉତ୍ତ ?ଜନା ଦେଖାଯାଇଥିଲା। ବିଡିଓ ମୈତ୍ରୀ କମ୍ପାନିର ସପକ୍ଷରେ ଓକିଲାତି କରିବାରୁ ପ୍ରଭାବିତ ଗ୍ରାମବାସୀ ହଟ୍ଟଗୋଳ କରିଥିଲେ। କେବଳ ସେତିକି ନୁହଁ ପ୍ରଶାସନର ଜନଶୁଣାଣିରେ ବିଭିନ୍ନ ବିଭାଗର କର୍ମଚାରୀ, ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ଶୁଣିବା କଥା । କିନ୍ତୁ କେବଳ ଆରଆଇ ଓ ଭିଏଡବ୍ଲ୍ୟୁଙ୍କ ଉପସ୍ଥିତିରେ ଅଭିଯୋଗ ଶୁଣାଣି ଶିବିର କରାଯିବା ନେଇ ମଧ୍ୟ ଅଞ୍ଚଳବାସୀଙ୍କ ଭିତରେ ସନ୍ଦେହ ସୃଷ୍ଟି ହୋଇଥିଲା।

## ଓଡିଶା ବ୍ରିଗେଡ଼ ସୈନିକ ସ୍କୁଲରେ ଗୁରୁ ଦିବସ ପାଳନ ଓ ବୃକ୍ଷ ରୋପଣ ସହ ପୁରସ୍କାର ବିତରଣ ଉତ୍ସବ

ଧାମନଗର (ପି.ଏନ); ପ୍ରତିବର୍ଷ ପରି ଏବର୍ଷ ସେପ୍ଟେମ୍ବର ୫ ତାରିଖ ଭାରତର ପୂର୍ବତନ ରାଷ୍ଟ୍ରପତି ଡ.ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମଦିନକୁ ଗୁରୁ ଦିବସ ରୂପେ ପାଳନ କରାଯାଇଛି। ଏହି କ୍ରମରେ ଧାମନଗର ବ୍ଲକ ଓ ଏନ ଏ ସି ଅଞ୍ଚଳର ପୁର ପଲ୍ଲୀରେ ଥିବା ବିଭିନ୍ନ ସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଏବଂ ଘରୋଇ ଶିକ୍ଷାନୁଷ୍ଠାନ ମାନଙ୍କରେ ଭାବ ଓ ଭକ୍ତିର ସହ ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍ୱର୍ଗତ ବସନ୍ତ ମହାପାତ୍ରଙ୍କ ଜନ୍ମ ବାର୍ଷିକ ଉପଲକ୍ଷେ ବିଭିନ୍ନ ସରକାରୀ ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗୀତା ସହ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି।

# ସରସ୍ୱତୀ ଶିଶୁ ଜ୍ଞାନ ମନ୍ଦିରରେ ଗୁରୁଦିବସ ପାଳନ

ଭୁବନେଶ୍ୱର,(ପି.ଏନ): ସରସ୍ୱତୀ ଶିଶୁ ଜ୍ଞାନ ମନ୍ଦିରରେ ଗୁରୁଦିବସ ପାଳନ କରାଯାଇଥିଲା । ମୁଖ୍ୟ ଅତିଥି ତଥା ସଭାପତି ଶ୍ରୀ ଅବନୀ କୁମାର ତ୍ରିପାଠୀ ଯୋଗ ଦେଇ ଗୁରୁଦିବସର ମହତ୍ତ୍ୱ ଓ ଉର୍ଦ୍ଧ୍ୱଶ୍ୟ ବିଷୟରେ ବ୍ୟକ୍ତ କରିଥିଲେ । ଭାରତର ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ଦାର୍ଶନିକ, ଶିକ୍ଷାବିଦ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମଦିନ ଅବସରରେ ଭାରତରେ ସର୍ବତ୍ର ଗୁରୁଦିବସ ପାଳନ କରାଯାଏ ବୋଲି ଭାଷଣ ପ୍ରସଙ୍ଗରେ କହିଥିଲେ । ଅନ୍ୟ ଏକ ଶିକ୍ଷାଧିକରୀ ଶ୍ରୀମତୀ ନମିତ ଘଡେଇ ମହାପାତ୍ର ମଧ୍ୟ ଶିଶୁ ମାନଙ୍କୁ ଗୁରୁଙ୍କ ମାର୍ଗ ଅନୁସରଣ କରିବା ପାଇଁ ଉଦବୋଧନ ଦେଇଥିଲେ ଅର୍ଜୁନ,ଏକଲବ୍ୟ ଓ ଶିବାଜୀଙ୍କ ପିଲାଦିନର କଥା ମନେ ପକେଇ ସେମାନଙ୍କ ଭଳି ଗୁରୁଭକ୍ତ ହେବା ବୋଲି ଶିଶୁ ମାନଙ୍କୁ କହିଥିଲେ । ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ଯୋଗ ଦେଇ ଗୁରୁଜୀ ଓ ଗୁରୁମାଙ୍କୁ ପୂଜନ କରିଥିଲେ। ପ୍ରଧାନ ଗୁରୁଜୀ ଶ୍ରୀ ରବି ଶଙ୍କର ସାହୁ, ଗୁରୁଜୀ ବ୍ରଜ କିଶୋର, ଜ୍ୟୋତି, ଚଞ୍ଚଳା,



ମିନାକ୍ଷୀ, କବିତା, ଅନୁ, ଶୁଭଶ୍ରୀ, ଗୀତା, ସୁମିତା, ପ୍ରିୟଙ୍କା ଓ ଉର୍ମିଳା ଗୁରୁମା ଯୋଗ ଦେଇ ସାହାର୍ଯ୍ୟ ଓ ସହଯୋଗ କରିଥିଲେ । ପରିଶେଷରେ ସମସ୍ତ ଛାତ୍ରଛତ୍ରୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।

# ଓଡିଶା ଗୋଁଣ୍ଡ ସମାଜ ସମନ୍ୱୟ ସମିତି ବୈଠକରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି : ଓଡିଶାରେ ଗୋଁଣ୍ଡ ଭବନ ଅତିଶୀଘ୍ର ହେବ ନିର୍ମାଣ

ଭୁବନେଶ୍ୱର,(ପି.ଏନ): ଭୁବନେଶ୍ୱରସ୍ଥ ୟୁନିଟ୍ -୧ସ୍ଥିତ ମାନ୍ୟବର ପୂର୍ବତନ ଲୋକସଭା ସଦସ୍ୟ ରମେଶ ଚନ୍ଦ୍ର ମାଝୀଙ୍କ ବାସଭବନରେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ଅଧ୍ୟକ୍ଷ ଖାମ ସିଂ ମାଝୀ ସଭାପତିତ୍ୱରେ ଓଡିଶା ପ୍ରଦେଶର ଗୋଁଣ୍ଡ ସମାଜର ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଗୋଁଣ୍ଡ ସାଂସ୍କୃତିକ ସମାଜ, ଶଡବଂଶୀ ଗୋଁଣ୍ଡ ସମାଜ ଓ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭାର ବରିଷ୍ଠ ସଦସ୍ୟ ଓ ସଦସ୍ୟାମାନେ ଉପସ୍ଥିତ ଥିଲେ। ଉକ୍ତ ମିଳିତ ବୈଠକରେ ଭୁବନେଶ୍ୱରସ୍ଥିତ ଚନ୍ଦ୍ରଶେଖରପୁରଠାରେ ଓଡିଶା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଗୋଁଣ୍ଡ ସମାଜର ଗୋଁଣ୍ଡ ଭବନ ନିର୍ମାଣ କରିବା ପାଇଁ ମିଳିତ ଭାବେ ସମସ୍ତ ପ୍ରତିନିଧିମାନଙ୍କ ସର୍ବ ସମ୍ମତି କ୍ରମେ ମତ



ପ୍ରକାଶ ପାଇଥିଲା । ରାଜ୍ୟ ସରକାର ଯଥାଶୀଘ୍ର ଏହାର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ବୈଠକରେ ଦାବୀ ହୋଇଥିଲା । ଏତଦ୍ ବ୍ୟତୀତ ରାଜ୍ୟରେ ଗୋଁଣ୍ଡ ସମାଜ ସମନ୍ୱୟ ସମିତି ଓଡିଶା ପ୍ରଦେଶ ଗଠନ ପ୍ରସ୍ତାବ ଆଗତ ହୋଇ ସର୍ବ ସମ୍ମତି କ୍ରମେ ଗୃହିତ ହୋଇଥିଲା। ଏହି ବୈଠକରେ ପୂର୍ବତନ ମାନ୍ୟବର ଲୋକସଭା ସଦସ୍ୟ ରମେଶ ଚନ୍ଦ୍ର ମାଝୀ, ପୂର୍ବତନ ବିଧାନସଭା ସଦସ୍ୟ ରମେଶ ଚନ୍ଦ୍ର ସାଏ, ପ୍ରକାଶ ଚନ୍ଦ୍ର ମାଝୀ, ବରିଷ୍ଠ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ହାସ୍ୟ କୁମାର ନାୟକ, ବ୍ରହ୍ମାନନ୍ଦ ନାୟକ, ଭାଗୀରଥି ନାୟକ- ଗୋଁଣ୍ଡ ସାଂସ୍କୃତିକ ସମାଜ, ତପି ମରେଇ- ଶଡବଂଶୀ ଗୋଁଣ୍ଡ ସମାଜ, ପ୍ୟାରୀମୋହନ ନାୟକ, ହେମନ୍ତ ଧୁରୁଆ,ଦମୟନ୍ତୀ ମହାପାତ୍ର, ମିନତୀ ସିଂହ, ରୀନା ମାଝୀ, ସୁକାନ୍ତିବାଳା ନାୟକ, ଚୁଡାମଣୀ ଧୁରୁଆ, ପ୍ରେମାନନ୍ଦ ମାଝୀ ଏବଂ ମୀନକେତନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ପାରାଦୀପ ଆୟୋଜିତ ହେବ ୬୩ ତମ ସିନିୟର ପୁରୁଷ ଆନ୍ତଃ ଜିଲ୍ଲା ସାହାଣୀ କପ ଫୁଟବଲ ପ୍ରତିଯୋଗିତା

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରାଧିକରଣ ଏବଂ ଫୁଟବଲ ଆସୋସିଏସନ ଓଡିଶା ମିଳିତ ସହଯୋଗରେ ୬୩ତମ ସିନିୟର ଆନ୍ତଃ ଜିଲ୍ଲା ପୁରୁଷ ଫୁଟବଲ ପ୍ରତିଯୋଗିତା 'ସାହାଣୀ କପ' ଚଳିତ ମାସ ସେପ୍‌ଟେମ୍ବର ୨୫ ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବ କ୍ଷ ଏହି ପ୍ରତିଯୋଗିତାରେ ପାରାଦୀପ ସମେତ ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଫୁଟବଲ ଜିଲ୍ଲା ର ୮ ଟି ଦଳର ପାଖାପାଖି ୧୮୪ ଜଣ ଖେଳାଳି ଓ ୨୦ ଜଣ ଅଫିସିଆଲ ଓ ଚୟନକର୍ତ୍ତା ଯୋଗଦେବେ । ଜିଲ୍ଲା ଗୁଡିକୁ ୨ ଟି ପୁଲରେ ଅର୍ଥାତ ଗୋଟିଏ ପୁଲରେ ୪ ଗୋଟି ଦଳ ହିସାବରେ ଲିଗ ମ୍ୟାଚ୍ ଖେଳିବେ । ପ୍ରତ୍ୟେକ ପୁଲର ବିଜେତା ଅକ୍ଟୋବର ୨ ତାରିଖ ଦିନ କ୍ୱାଟର ଫାଇନାଲ ଖେଳିବେ । ପ୍ରତ୍ୟକ ଦିନ ପ୍ରଥମ ମ୍ୟାଚ୍ ଅପରାହ୍ନ ୩ ଟା ବେଳେ ଓ, ଦ୍ୱିତୀୟ ମ୍ୟାଚ୍ ସନ୍ଧ୍ୟା ୫ ଟାରେ ଫ୍ଲଡ ଲାଇଟ ରେ ଖେଳାଯିବ । ଉଦଘାଟନୀ ଉତ୍ସବ ରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଏବଂ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ଓ ଓଡିଶା ଫୁଟବଲ ଓ ଆଥଲେଟିକ ଆସୋସିଏସନ ର ସମ୍ପାଦକ ଡଃ. ଆର୍ଶୀବାଦ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେବେ ବୋଲି ସୋମବାର ଦିନ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପାରାଦୀପ ବନ୍ଦର ଗୋପବନ୍ଧୁ କ୍ରୀଡା ସଂସଦ ର ସଭାପତି ଡି.ଏନ.ସୋଢି ସୂଚନା ଦେଇଥିଲେ ।

# ଆମ ସଂସ୍କୃତି ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ

ଭୁବନେଶ୍ୱର,(ପି.ଏନ): ସ୍ଥାନୀୟ ସତ୍ୟାନନ୍ଦ ଯୋଗ ବିଦ୍ୟାଳୟରେ ଶ୍ରୀମତୀ ଗୀତା ତ୍ରିପାଠୀ ଓ ତ୍ରିଦିବ ତ୍ରିପାଠୀଙ୍କ ପ୍ରଚେଷ୍ଟା ଓ ତତ୍ତ୍ୱାବଧାନରେ ପ୍ରାଚୀନ ଭାରତୀୟ ସଂସ୍କୃତିର ସଚେତନତା ଓ ପୁନଃଜାଗରଣ ପାଇଁ 'ଆମ ସଂସ୍କୃତି' ପକ୍ଷରୁ କୁଇଜ୍ ଓ ଯୋଗ ପ୍ରତିଯୋଗିତା ରାଜଧାନୀର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା । ଏଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କ ପାଇଁ ବିଦ୍ୟାଳୟ ପରିସରରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ନିର୍ଦ୍ଦେଶକ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ ଉପସ୍ଥିତ ଥିବା ଛାତ୍ରଛାତ୍ରୀମାନଙ୍କୁ ଯୋଗ କିପରି ଜୀବନକୁ ସୁସ୍ଥ ଓ ସୁନ୍ଦର କରିପାରେ ତା' ଉପରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ସଭାପତି ଶ୍ରୀମତୀ ସୁଦତା ପଟ୍ଟନାୟକ ଭାରତୀୟ ସଂସ୍କୃତିର ପ୍ରାଚୀନତା ଓ ବୈଶିଷ୍ଟ୍ୟ , ନୈତିକ ମୂଲ୍ୟବୋଧ ଉପରେ ଆଧାରିତ



ଏବଂ ଏହାକୁ ସୁରକ୍ଷିତ ରଖିବା ଉଚିତ୍ ବୋଲି କହିଥିଲେ। ଶ୍ରୀଯୁକ୍ତ ସଂଜୟ ନନ୍ଦ ଛାତ୍ରଛାତ୍ରୀମାନଙ୍କ ସହିତ ଯୌଗିକ ଜୀବନ ଶୈଳୀ ଓ ପ୍ରାଚୀନ ଭାରତୀୟ ସଂସ୍କୃତିର ଜ୍ଞାନର ଉପାଦେୟତା ବିଷୟରେ ଆଲୋଚନା କରିଥିଲେ । ଆଧୁନିକତାର ସ୍ପର୍ଶରେ ହଜିଆସୁଥିବା ପ୍ରାଚୀନ ଭାରତୀୟ ଜ୍ଞାନ ପ୍ରତି ଉତ୍ସାହ ଓ ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଉକ୍ତ ପ୍ରତିଯୋଗିତା ଗତ ଜୁଲାଇମାସଠାରୁ ଶ୍ରୀମତୀ ଗୀତା ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜଧାନୀର ୩୫ଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା । ସେମାନଙ୍କ ମଧ୍ୟରୁ ସମୁଦାୟ ୪୬ଜଣ ପୁରସ୍କୃତ ହୋଇଛନ୍ତି । ବରିଷ୍ଠ ବର୍ଗ କୁଇଜ୍‌ରେ ୟୁନିଟ୍ -୧ ସରକାରୀ ଉଚ୍ଚ ବିଦ୍ୟାଳୟର ବିଶ୍ୱଜିତ୍ ନାୟକ, ୟୁନିଟ୍ -୧ସ୍ଥିତ ମଦର୍ସ ପବ୍ଲିକ୍ ସ୍କୁଲ୍‌ର ଆରୋହନ୍ ମହାପାତ୍ର ଓ ଖଣ୍ଡଗିରିସ୍ଥିତ ମଦର୍ସ ପବ୍ଲିକ୍ ସ୍କୁଲ୍‌ର ତନ୍ମୟ ତଥାଗତ ମିଳିତ ଭାବରେ ପ୍ରଥମ ପୁରସ୍କାର ଓ ଯୋଗରେ ବିଜେଇଏମ୍ ସ୍କୁଲ୍‌ର ଅଦିତି ଐଶ୍ୱର୍ଯ୍ୟା ସେଠ୍ ପ୍ରଥମ ପୁରସ୍କାର ଲାଭ କରିଥିଲେ। ଠିକ୍ ସେହିପରି କନିଷ୍ଠ ବର୍ଗରେ ୟୁନିଟ୍ -୧ସ୍ଥିତ ମଦର୍ସ ପବ୍ଲିକ୍ ସ୍କୁଲ୍‌ର ଅନ୍ୱେଷା ମିଶ୍ର ଓ ଯୋଗରେ ଏକନମ୍ବର କେନ୍ଦ୍ରୀୟ ବିଦ୍ୟାଳୟର ମିରା ଜାସ୍‌ମିନ୍ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଆଗାମୀ ବର୍ଷମାନଙ୍କରେ ଅଧିକରୁ ଅଧିକ ଛାତ୍ରଛାତ୍ରୀମାନଙ୍କୁ 'ଆମ ସଂସ୍କୃତି' କାର୍ଯ୍ୟକ୍ରମରେ ସାମିଲ୍ କରିବା ଲକ୍ଷ ବୋଲି ତ୍ରିପାଠୀ ଦମ୍ପତି ମତ ପ୍ରକାଶ କରିଛନ୍ତି ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray